## ନଭେମ୍ବର ୧୦ରୁ ଜିଲ୍ଲାରେ ଲଘୁ ଖଣିଜ ପରିବହନ ବନ୍ଦ

# ରାଜ୍ୟ ସରକାରଙ୍କ ନୂତନ ପରିବହନ ନିୟମକୁ ବିରୋଧ

ବାରିପଦା, ୭।୧୧(ସମିସ)



ରାଜ୍ୟ ସରକାରଙ୍କ ଲଘୁ ଖଣିଜ ପରିବହନ ଓ ଜରିମାନାକୁ ନେଇ ହୋଇଥିବା ନୂତନ ନିୟମକୁ ବିରୋଧ କରି ନଭେମ୍ବର ୧୦ରୁ ମୟୂରଭଞ୍ଜ ଜିଲ୍ଲାରେ ଲଘୁ ଖଣିଜ ପରିବହନ ବନ୍ଦ ରହିବ ବୋଲି ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି। ଟ୍ରକ ମାଲିକ ସଂଘ ଆହ୍ୱାନରେ ୧୧ଦଫା ଦାବି ନେଇ ମୟୂରଭଞ୍ଜ ଜିଲ୍ଲାର ଟ୍ରକ ମାଲିକ ସଂଘ ଖୋର୍ଦ୍ଧା ଠାରେ ଆୟୋଜିତ ବୈଠକରେ ଯୋଗ ଦେଇ ନିଷ୍ପତ୍ତି ଗ୍ରହଣ କରିଛନ୍ତି। ନଭେମ୍ବର ୯ତାରିଖ ସୁଦ୍ଧା ଦାବି ପୂରଣ ନହେଲେ ୧୦ ତାରିଖରୁ ଟ୍ରକ ଗୁଡିକ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଲଘୁ ଖଣିଜ ପରିବହନ ବନ୍ଦ କରି ଚକା ଜାମ ଆନ୍ଦୋଳନ କରିବେ। ଲଘୁ ଖଣିଜ ପରିବହନରେ ଟ୍ରକ ମାଲିକ ମାନେ ପରିବହନ ବିଭାଗ ଓ ଲଘୁ ଖଣିଜ ବିଭାଗ ଅଧିକାରୀ ଦ୍ୱାରା ଜରିମାନା ଓ ଶୋଷଣର ଶିକାର ହେଉଛନ୍ତି। ସରକାରଙ୍କ ଦ୍ୱାରା ଜାରୀ ନୂତନ ନିୟମ ବିଜ୍ଞପ୍ତିରେ ଅଧିକ ଜରିମାନା କରାଯାଇଥିବାରୁ ସଂଘ ଏହାର ବିରୋଧ କରାଯାଇଛି। ଚୋରା ଓ ବେଆଇନ ଲଘୁ ଖଣିଜ ସମ୍ପଦ ଖନନ ଓ ଚାଲାଣ ସମୟରେ ବ୍ୟବହୃତ ଗାଡିକୁ ୪ ଗୁଣ ଅଧିକ ଜୋରିମାନା ହେବ। ସର୍ବାଧିକ ୪ ଲକ୍ଷରୁ ସର୍ବନିମ୍ନ ୫୦ହଜାର ଟଙ୍କା ପର୍ଯ୍ୟନ୍ତ ଜରିମାନା ଆଦାୟ କରାଯିବ। ଏଥିସହ ୩ଗୁଣ ପରିବେଶ କ୍ଷତିପୂରଣ ବାବଦରେ ଅର୍ଥଦଣ୍ଡ ଧାର୍ଯ୍ୟ କରାଯିବ; ଯାହାକି ଲଘୁ ଖଣିଜ ସମ୍ପଦ ପରିବହନ କରୁଥିବା ଗାଡ଼ି ମାଲିକଙ୍କୁ ଅନେକ କ୍ଷତି କରିବ। ଏଥିସହ ୨୫ଲକ୍ଷରୁ ତଦୁର୍ଦ୍ଧ ମୂଲ୍ୟର ୫ବର୍ଷ ଭିତର କିଣା ଗାଡ଼ିକୁ ଚୋରାଚାଲାଣ ବେଳେ ଧରାପଡ଼ିଲେ ୪ଲକ୍ଷ ଟଙ୍କା ଜରିମାନା ଆଦାୟ କରାଯିବ। ସେହିଭଳି ୫ରୁ ୧୦ ବର୍ଷର ଗାଡ଼ି ହୋଇଥିଲେ ୩ଲକ୍ଷ, ୧୦ବର୍ଷରୁ ଅଧିକ ଗାଡ଼ିକୁ ୨ଲକ୍ଷ ଟଙ୍କା ଜରିମାନା ଆଦାୟ କରାଯିବ। ସେହିଭଳି ୧୦ରୁ ୨୫ଲକ୍ଷ ଟଙ୍କା ମୂଲ୍ୟର ୫ବର୍ଷ ଭିତର କିଣା ଗାଡିକୁ ୨.୫ଲକ୍ଷ ଟଙ୍କା, ୫ବର୍ଷରୁ ୧୦ ବର୍ଷର ଗାଡ଼ି ଉପରେ ୨ଲକ୍ଷ, ୧୦ବର୍ଷରୁ ଅଧିକ ପୁରୁଣା ଗାଡ଼ି ହୋଇଥିଲେ ୧ଲକ୍ଷ ଟଙ୍କା ଜରିମାନା ଆଦାୟ କରାଯିବ। ଅନୁରୂପ ଭାବେ ୧୦ଲକ୍ଷ ଟଙ୍କା କମ୍ ମୂଲ୍ୟର ୫ବର୍ଷ ଭିତରେ କିଣା ହୋଇଥିଲେ ଗାଡିକୁ ୨ଲକ୍ଷ, ୫ରୁ୧୦ ବର୍ଷ ଗାଡ଼ି ଉପରେ ୭୫ ହଜାର ଓ ୧୦ବର୍ଷରୁ ଅଧିକ ପୁରୁଣା ଗାଡ଼ି ହୋଇଥିଲେ ସର୍ବନିମ୍ନ ୫୦ ହଜାର ଟଙ୍କା ଜରିମାନା ଆଦାୟ କରାଯିବ। ଅର୍ଥାତ ଯେକୌଣସି ଗାଡ଼ି ଯଦି ବାଲି, ଗୋଡ଼ି, ପଥର, ମୋରମ, କଳାପଥର ଇତ୍ୟାଦି ଚୋରା ଓ ବେଆଇନ ଲଘୁଖଣିଜ ସମ୍ପଦ କାରବାରରେ ଧରାପଡ଼ିବ ମୋଟା ଅଙ୍କର ଜରିମାନା ଦେବେ ବୋଲି ସ୍ପଷ୍ଟ ଭାବେ ନିର୍ଦ୍ଦେଶ ରହିଛି। ଏନେଇ ମୁଖ୍ୟମନ୍ତ୍ରୀଙ୍କ ସମେତ ଜିଲ୍ଲା ପ୍ରଶାସନକୁ ଅବଗତ କରାଯାଇଥିବା ସତ୍ତ୍ୱେ କୌଣସି ପଦକ୍ଷେପ ଗ୍ରହଣ କରାଗଲା ନାହିଁ। ଯାହାକୁ ନେଇ ଆନ୍ଦୋଳନ ଚେତାବନୀ ଦିଆଯାଇଛି। ବୈଠକରେ କ୍ରିଷ୍ଣା ସାହାଙ୍କ ନେତୃତ୍ୱରେ ଅନ୍ୟ ଟ୍ରକ ମାଲିକ ଉପସ୍ଥିତ ଥିଲେ।

## ମୌଳିକ ସମସ୍ୟା ନେଇ ବିଡିଓଙ୍କୁ ହେନ୍ଦେଦା ଓ ବୁରୁଡ଼ିହି ଗ୍ରାମବାସୀଙ୍କ ସ୍ମାରକପତ୍ର



**ବିଶୋଇ, ୭।୧୧ (ସମିସ):** ମୌଳିକ ସମସ୍ୟା ନେଇ ବିଶୋଇ ବିଡିଓଙ୍କ ନିକଟରେ ଦ୍ୱାରସ୍ଥ ହୋଇଛନ୍ତି ଖଡ଼ମବେଡା ପଞ୍ଚାୟତର ହେନ୍ଦେଦା ଓ ବୁରୁଡ଼ିହି ଗ୍ରାମବାସୀ। ଦୁଇ ଗ୍ରାମବାସୀ ବିଶୋଇ ବ୍ଲକ ଅଫିସରେ ଏକତ୍ରିତ ହୋଇ ନୂଆ ବିଡିଓ ସାଗରଚନ୍ଦ୍ର ମୁର୍ମୁଙ୍କୁ ଏକ ସ୍ମାରକପତ୍ର ଦେଇଛନ୍ତି। ମୁଖ୍ୟଦପ୍ତର ବିଶୋଇଠାରୁ ମାତ୍ର ୮ କିଲୋମିଟର ଦୂରରେ ଥିବା ହେନ୍ଦେଦା ଓ ବୁରୁଡ଼ିହି ଗ୍ରାମକୁ ବର୍ତ୍ତମାନ ସୁଦ୍ଧା ରାସ୍ତା, ପାନୀୟଜଳ ଓ ବିଦ୍ୟୁତ ସେବା ଭଳି ମୌଳିକ ସୁବିଧା ପହଞ୍ଚି ପାରିନାହିଁ। ଫଳରେ ଏହି ଦୁଇ ଗ୍ରାମର ବସବାସ କରୁଥିବା ୫୦ରୁ ଊର୍ଦ୍ଧ୍ୱ ଆଦିବାସୀ ପରିବାର ଅଭିଶପ୍ତ ଜୀବନଯାପନ କରୁଛନ୍ତି। ଏହି ଦୁଇ ଗ୍ରାମର ବିକାଶ ପାଇଁ ରାସ୍ତା ବାଧକ ସାଜିଛି। ପୁଣି ନିକଟସ୍ଥ ଝରଣା ଜଳକୁ ପାନୀୟଜଳ ଭାବରେ ବ୍ୟବହାର କରନ୍ତି। ଉକ୍ତ ୨ ଗ୍ରାମ ଶିମିଳିପାଳ ଜୈବ ମଣ୍ଡଳରେ ପଡୁଥିବା ସହିତ ରାସ୍ତା ନଥିବା କାରଣରୁ ଗ୍ରାମକୁ ବର୍ତ୍ତମାନ ସୁଦ୍ଧା ବିଦ୍ୟୁତ ସେବା ମଧ୍ୟ ଅପହଞ୍ଚ ହୋଇ ପଡ଼ିଛି। ଏହି ସମସ୍ୟା ନେଇ ପୂର୍ବରୁ ଅନେକବାର ଗ୍ରାମବାସୀ ବହୁବାର ସ୍ଥାନୀୟ ଜନ ପ୍ରତିନିଧି, ସାଂସଦ, ବିଧାୟକ, ଜିଲ୍ଲାପାଳଙ୍କଠାରୁ ଆରମ୍ଭ କରି ପ୍ରଶାସନ ନିକଟରେ ଦ୍ୱାରସ୍ଥ ହୋଇଥିଲେ ସୁଦ୍ଧା କିଛି ଫଳପ୍ରଦ ହୋଇନାହିଁ। ଏହି ସବୁ ମୌଳିକ ସମସ୍ୟାକୁ ତୁରନ୍ତ ସମାଧାନ କରିବା ପାଇଁ ଗ୍ରାମବାସୀ ବିଡ଼ିଓଙ୍କୁ ଗୁହାରି କରିଛନ୍ତି। ଉକ୍ତ ଦୁଇ ଗ୍ରାମକୁ ଯାଇ ସ୍ଥିତି ଅନୁଧ୍ୟାନ କରି ଯଥାସମ୍ଭବ ମୌଳିକ ସୁବିଧା ଯୋଗାଇବା ପାଇଁ ବିଡ଼ିଓ ଶ୍ରୀ ମୁର୍ମୁ ଗ୍ରାମବାସୀଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି।

## ଚୋରି ଅଭିଯୋଗରେ ୨ ଛାତ୍ର କୋର୍ଟ ଚାଲାଣ

**ସାରାସକଣା, ୭।୧୧ (ସମିସ):** ଝାରପୋଖରୀଆ ଥାନା ଅନ୍ତର୍ଗତ ବିଭିନ୍ନ ସ୍ଥାନରେ ବହୁ ସମୟରେ ଚୋରି ହେଉଥିବା ଅଭିଯୋଗ ଦୀର୍ଘଦିନ ଧରି ହୋଇଆସୁଥିଲା। କିଛି ଅଭିଯୋଗ ଝାରପୋଖରିଆ ଥାନାକୁ ଆସୁଥିଲେ ସୁଦ୍ଧା କିଛି ଚୋରି ମାମଲା ଥାନାକୁ ଆସୁ ନଥିଲା। ଦୀର୍ଘଦିନ ପରେ ଝାରପୋଖରିଆ ପୁଲିସ ହାତରେ ଲାଗିଛନ୍ତି ଦୁଇ ଉଚ୍ଚଶିକ୍ଷିତ ଚୋର। ଦିନବେଳେ କଲେଜରେ ଭଦ୍ର ଛାତ୍ର ଓ ମଧ୍ୟରାତ୍ରି ହେଲେ ନାନାଦି ସାମଗ୍ରୀ ଚୋରି କରି ସକାଳ ହେବା ପୂର୍ବରୁ ଆତ୍ମଗୋପନ କରୁଥିଲେ ରୁମ ଭିତରେ ଚୋରି କରୁଥିଲେ। କେଉଁଦିନ ଗାଡିରୁ ବେଟେରି ଚୋରି କରୁଥିଲେ ତ ପୁଣି କେତେବେଳେ ଟାୱାରରୁ ଡିଜେଲ ଚୋରି କରି ବିକ୍ରି କରୁଥିଲେ ଏହି ଅତ୍ୟାଧୁନିକ ଚୋର ଦୁଇବନ୍ଧୁ। ଗତକାଲି ବିଳମ୍ବିତ ରାତ୍ରି ପ୍ରାୟ ୧.୩୦ରେ ଦୁଇଜଣ ଯୁବକ ବାଇକ ଯୋଗେ ଟୋଲଗେଟ ପଟୁ ବମ୍ବେଛକ ଆସୁଥିଲେ। ରାତ୍ର ପାଟ୍ରୋଲିଂ କରୁଥିବା ଝାରପୋଖରିଆ ପୁଲିସ ଟିମ ଉଭୟଙ୍କୁ ଅଟକାଇବାରୁ ଜଣେ ଅଳିଆ ଗଛଗୁଡିକ ଭିତରେ ଲୁଚିଥିବା ବେଳେ ଆଉଜଣେ ମେସ ଭିତରେ ଲୁଚିବାକୁ ଉଦ୍ୟମ କରିଥିଲା। ଧରାପଡ଼ିବା ପରେ ସେମାନଙ୍କ ନିକଟରୁ ଗୋଟିଏ ବ୍ୟାଟେରୀ ଓ ତେଲ ମିଳିଥିଲା। ପୁଲିସ ମାମଲା ରୁଜୁକରି କୁଳିଅଣା ଥାନା ଅନ୍ତର୍ଗତ ତଳାବାଡ଼ିଆ ଗ୍ରାମର ଓମପ୍ରକାଶ ଧଡ଼ା (୨୦) ଓ ବରକୁଳି ଗ୍ରାମର ସତ୍ୟଜିତ ଦାସ (୨୨)ଙ୍କୁ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରିଛି। ଯୁବକଦ୍ୱୟ ବମ୍ବେଛକସ୍ଥିତ ସୀମାନ୍ତ ଫାର୍ମାସ୍ୟୁଟିକାଲ କଲେଜରେ ପାଠ ପଢୁଥିବା କହିଥିବା ବେଳେ, ଅନେକ ଚୋରି ଘଟଣାରେ ଏମାନଙ୍କ ହାତ ରହିଥିବା ଜଣାଯାଇଛି।

## ଉତ୍ତରଓଡ଼ିଶା ବିକାଶ ପରିଷଦ ପାଇଁ 'ମିଳିତ କ୍ରିୟାନୁଷ୍ଠାନ କମିଟି' ଗଠିତ

ବିଶୋଇ, ୭ ।୧୧ (ସମିସ)



ଉତ୍ତରଓଡ଼ିଶା ଅଞ୍ଚଳକୁ ନେଇ ଏକ ବିକାଶ ପରିଷଦ ଗଠନ କରିବା ନେଇ ରାଜ୍ୟ ସରକାର ତତ୍ପରତା ପ୍ରକାଶ କରିଛନ୍ତି। ଏହି ପରିଷଦ ନିମନ୍ତେ ଜନଜାଗରଣ ସୃଷ୍ଟି କରିବା ପାଇଁ ବିଶୋଇ ବ୍ଲକସ୍ତରୀୟ ୧୦ ଜଣିଆ ସଦସ୍ୟ ବିଶିଷ୍ଟ 'ମିଳିତ କ୍ରିୟାନୁଷ୍ଠାନ କମିଟି' ଗଠନ କରାଯାଇଛି। ଏଥିନିମନ୍ତେ ବିଶୋଇ ବ୍ଲକସ୍ଥିତ ବାଙ୍କବଳ ବନ୍ଧସ୍ଥିତ ଡାକବଙ୍ଗଳାଠାରେ ପ୍ରାକ୍ତନ ସାଂସଦ ଇଂ ରାମଚନ୍ଦ୍ର ହାଁସଦାଙ୍କ ଆହ୍ୱାନକ୍ରମେ ତଥା ଦାସ୍ମାତ ସୋରେନଙ୍କ ଅଧକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ପ୍ରସ୍ତାବିତ ପରିଷଦରେ ଉତ୍ତର ଓଡ଼ିଶାର କେବଳ ବିକାଶ ଦିଗରେ ପଛୁଆ ଥିବା ଅଞ୍ଚଳକୁ ହିଁ ସାମିଲ କରିବା ନେଇ ମତପ୍ରକାଶ ହୋଇଥଲା। ବୈଠକର ପ୍ରାରମ୍ଭରେ ମୟୂରଭଞ୍ଜ ଜିଲ୍ଲାର ବିଭିନ୍ନ ସମସ୍ୟା ନେଇ ଆଲୋଚନା ହୋଇଥିଲା। ବାଙ୍ଗିରିପୋଷି-ଗୋରୁମହିଷାଣି ରେଳପଥ ସଂଯୋଗୀକରଣ ଦାବି ବହୁତ ପୁରୁଣା। ମାତ୍ର ପୂର୍ବରୁ ଏହାପାଇଁ କରାଯାଇଥିବା ସର୍ଭେରେ ଶିମିଳିପାଳର 'ଟ୍ରାଞ୍ଜିସନାଲ ଜୋନ୍'କୁ ବାଦ ଦିଆଯାଇଥିବା ବେଳେ ବର୍ତ୍ତମାନ ଶାସକ ଦଳର କିଛି ନେତାଙ୍କ ହସ୍ତକ୍ଷେପ ଯୋଗୁଁ ଏହି ରେଳପଥ ଟ୍ରାଞ୍ଜିସନାଲ ଜୋନ ଦେଇ ଗତି କରୁଛି। ରେଳପଥର ଲମ୍ବ ୪୦ କିମିରୁ ବର୍ଦ୍ଧିତ ହୋଇ ୮୬ କିଲୋମିଟରରେ ପହଞ୍ଚିବା ସହ ଶିମିଳିପାଳ ଅଭୟାରଣ୍ୟର ବନ୍ୟଜନ୍ତୁ ମଧ୍ୟ ପ୍ରଭାବିତ ହେବେ। ତେଣୁ ଜିଲ୍ଲାକୁ ଏହା ଅଧିକ ଉପାଦେୟ ସଂଯୋଗୀକରଣ ଦେବାରେ ବିଫଳ ହେବ। ଏଥିପାଇଁ କେନ୍ଦ୍ର ରେଳମନ୍ତ୍ରୀଙ୍କୁ ଏକ ଦାବିପତ୍ର ଦେବାପାଇଁ ବୈଠକରେ ନିଷ୍ପତ୍ତି ନିଆଯାଇଛି। ବିଶୋଇର ୫୦ ନଂ ରାଜ୍ୟ ରାଜପଥ ଓ ୪୯ ନଂ ଜାତୀୟ ରାଜପଥ ମିଳନ ସ୍ଥଳରେ ଭେଇକିଲ ଅଣ୍ଡର ପାସ ତିଆରି କରିବା ଦାବିରେ ଆଗାମୀ ଦିନରେ ଏହି ମିଳିତ କ୍ରିୟାନୁଷ୍ଠାନ କମିଟି ନେତୃତ୍ୱରେ ଆନ୍ଦୋଳନ ଜୋରଦାର କରାଯିବ ବୋଲି ନିଷ୍ପତ୍ତି ନିଆଯାଇଛି। ବୈଠକରେ ବିଚ୍ଛିନ୍ନାଞ୍ଚଳ ଝାଡ଼ଖଣ୍ଡ ଆଦିବାସୀ ମୂଳବାସୀ ମଞ୍ଚର ରାଜ୍ୟ ସଭାପତି ରାମଚନ୍ଦ୍ର ହେମ୍ବ୍ରମ, ବେଣୁଧର ଘୋଷ, ମୋହନ ହାଁସଦା, ରଘୁନାଥ ଟୁଡୁ, ପଞ୍ଚାନନ ମୁର୍ମୁ, ସୁରେନ୍ଦ୍ର ଟୁଡୁ, ଗୋବିନ୍ଦ ବାସ୍କେ, ବିନୋଦ ମୁର୍ମୁ, ଜଗନ୍ନାଥ ମହାନ୍ତ ପ୍ରମୁଖ ଉପସ୍ଥିତ ଥିଲେ।

## ବୃଦ୍ଧଙ୍କ ଲକ୍ଷାଧିକ ଟଙ୍କା ଲୁଟ୍

**କୁଆମରା, ୭।୧୧(ସମିସ):** ଗତ ୪ ତାରିଖରେ ଜଣେ ଫାଇନାନ୍ସ କର୍ମଚାରୀଙ୍କଠାରୁ ଦିନ ଦ୍ୱିପ୍ରହରରେ ୩୦ ହଜାର ଟଙ୍କା ଲୁଟ ହୋଇଥିବା ବେଳେ ପୁଣି ଜଣେ ବୃଦ୍ଧଙ୍କ ଘରେ ଦୁର୍ବୃତ୍ତମାନେ ପଶି ଲକ୍ଷାଧିକ ଟଙ୍କା ଲୁଟି ନେଇଛନ୍ତି। ଗୋପବନ୍ଧୁ ନଗର ବ୍ଲକ ପୁରୁଣା ବାରିପଦା ପଞ୍ଚାୟତ ରାଇପଦା ଗ୍ରାମର ଭାଗବତ ମହାପାତ୍ର ତାଙ୍କ ସ୍ତ୍ରୀଙ୍କ ସହ ଭଙ୍ଗାଚଟୁ ନିକଟରେ ତାଙ୍କ ଫାର୍ମ ହାଉସରେ ରହନ୍ତି। ବିଲ ମଝି ଓ ନିଛାଟିଆ ସ୍ଥାନରେ ଥିବାବେଳେ ପ୍ରାୟତଃ ସେଠାକୁ ଲୋକଙ୍କ ଯାତାୟତ ନଥାଏ। ବୁଧବାର ମଧ୍ୟାହ୍ନ ସମୟରେ ଦୁଇ ଜଣ ଦୁର୍ବୃତ୍ତ ହେଲମେଟ ପିନ୍ଧି ମୁହଁରେ ରୁମାଲ ବାନ୍ଧି ଏକ ବୁଲେଟରେ ପହଞ୍ଚିଥିଲେ। ବୃଦ୍ଧ ଦମ୍ପତିଙ୍କୁ ଧମକ ଚମକ ଦେଉଥିଲେ। ଭୟରେ ଶ୍ରୀ ମହାପାତ୍ର ରଖିଥିବା ସବୁତକ ଟଙ୍କା ବଢ଼ାଇ ଦେଇଥିଲେ। ଗୁରୁବାର ସରପଞ୍ଚ ଭୋଳାନାଥ ସିଂଙ୍କୁ ଏ ବାବଦରେ ଜଣାଇବାରୁ ଘଟଣାଟି ପ୍ରଘଟ ହୋଇଛି। ୨୪ ଘଣ୍ଟା ମଧ୍ୟରେ ଦୁଇଟି ରାହାଜାନୀ ଘଟଣା ଭୟ ସୃଷ୍ଟି କରିଛି।

## ପଞ୍ଚମରେ ୨୦୩ ଓ ତୃତୀୟରେ ୨୧୫ ବୃତ୍ତି ପରୀକ୍ଷାର୍ଥୀ

**କୁଆମରା, ୭।୧୧(ସମିସ):** ଗୋପବନ୍ଧୁ ନଗର ବ୍ଲକରେ ପଞ୍ଚମ ଓ ତୃତୀୟ ଶ୍ରେଣୀ ବୃତ୍ତି ପରୀକ୍ଷା ଅନୁଷ୍ଠିତ ହୋଇଯାଇଛି। ପଞ୍ଚମ ଶ୍ରେଣୀରେ ୨୦୩ ଜଣ ପରୀକ୍ଷା ଦେଇଥିବାବେଳେ ତୃତୀୟରେ ୨୧୫ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଛନ୍ତି। ଏଥିନିମନ୍ତେ ଉକ୍ତ ବ୍ଲକର ମୋଟ ତିନୋଟି ପରୀକ୍ଷା କେନ୍ଦ୍ର ହୋଇଥିଲା। ଖୁଣ୍ଟା ବାଳିକା ଉଚ୍ଚବିଦ୍ୟାଳୟର ଅନୁଷ୍ଠିତ ପରୀକ୍ଷା କେନ୍ଦ୍ରରେ ପଞ୍ଚମ ଶ୍ରେଣୀର ୬୮ ଓ ତୃତୀୟ ଶ୍ରେଣୀର ମଧ୍ୟ ୬୮ ଜଣ ପରୀକ୍ଷା ଦେଇଥିବାବେଳେ ସିଆରସିସି ଯତୀନ୍ଦ୍ର ନାଥ ମହାନ୍ତ ଓ ଏବିଇଓ ଆରତୀ ରାଉତ ପରୀକ୍ଷା ପରିଚାଳନା କରିଥିଲେ। କାଳିଆପଦା ଉଚ୍ଚପ୍ରାଥମିକ ବିଦ୍ୟାଳୟରେ ପଞ୍ଚମ ଶ୍ରେଣୀର ୭୬ ଓ ତୃତୀୟ ଶ୍ରେଣୀର ୮୩ ଜଣ ପରୀକ୍ଷା ଦେଇଛନ୍ତି। ପ୍ରଧାନଶିକ୍ଷକ ନରେଶ କୁମାର ବେହେରା ଓ ଏବିଇଓ ରଞ୍ଜିତା ପଣ୍ଡା ପରୀକ୍ଷା ପରିଚାଳନା କରିଥିଲେ। ସେହିପରି ପୁରୁଣା ବାରିପଦା ପ୍ରାଥମିକ ବିଦ୍ୟାଳୟରେ ବିଆରସିସି କୁଳମଣି ନାଏକ ଓ ପ୍ରଧାନ ଶିକ୍ଷକ ନୀଳକଣ୍ଠ ବିନ୍ଧାଣୀଙ୍କ ତତ୍ତ୍ୱାବଧାନରେ ପଞ୍ଚମ ଶ୍ରେଣୀରେ ୫୯ ଓ ତୃତୀୟ ଶ୍ରେଣୀରେ ୬୪ ଜଣ ଛାତ୍ରଛାତ୍ରୀ ବୃତ୍ତି ପରୀକ୍ଷା ଦେଇଛନ୍ତି।

## କରଞ୍ଜିଆରେ ପୂର୍ବତନ ପିସିସି ସଭାପତି

**କରଞ୍ଜିଆ, ୭।୧୧(ସମିସ):** ରାଜ୍ୟ ପୂର୍ବତନ ପିସିସି. ସଭାପତି ତଥା କଂଗ୍ରେସ ରାଜନେତା ଶରତ ପଟ୍ଟନାୟକ ଝାରଖଣ୍ଡ ଯିବା ଅବସରରେ କରଞ୍ଜିଆରେ ପହଞ୍ଚିଥିଲେ। ସେ ଅଳ୍ପସମୟ ପାଇଁ କଂଗ୍ରେସର କର୍ମକର୍ତ୍ତା ଓ କର୍ମୀଙ୍କ ସହ ଆଲୋଚନା କରିଥିଲେ। ପିସିସି ସଦସ୍ୟ ଭୁବନ ସାହୁଙ୍କ ନେତୃତ୍ୱରେ ଜବାମାନୀ ଟୁଡୁ, ଘନଶ୍ୟାମ ମହାନ୍ତ, ଚନ୍ଦ୍ର କୁମାର, ଶୁଭେନ୍ଦୁ ଦାସ, ସେକ ଜାକିର ହୁସେନ, ଗୋଲାପ ସୋରେନ, ସୁନାମଣୀ ମହାନ୍ତ, ଧରଣୀ ମହାନ୍ତ, ବିଳାସ ମହାନ୍ତ, ନିର୍ମଳ ସେଠୀ, ପ୍ରମୁଖ ଶ୍ରୀ ପଟ୍ଟନାୟକଙ୍କୁ ସ୍ୱାଗତ ଜଣାଇଥିଲେ। ଶ୍ରୀ ପଟ୍ଟନାୟକ ସହ ପୂର୍ବତନ ସାଂସଦ ଯୋଶବନ୍ତ ସିଂ ଲାଗୁରି ମଧ୍ୟ ଝାରଖଣ୍ଡ ରାଜ୍ୟ ଯିବା ଅବସରରେ କରଞ୍ଜିଆରେ କର୍ମୀ ମାନଙ୍କୁ ଉଦବୋଧନ ଦେଇଥିଲେ।

## ୨୦ତମ ବୈଜ୍ଞାନିକ ଉପଦେଷ୍ଟାମଣ୍ଡଳୀ ବୈଠକ




**ବାରିପଦା, ୭।୧୧(ସମିସ):** ଶ୍ୟାମାଖୁଣ୍ଟାସ୍ଥିତ ମୟୂରଭଞ୍ଜ କୃଷି ବିଜ୍ଞାନ କେନ୍ଦ୍ର-୧ ତରଫରୁ ୨୦ତମ ବୈଜ୍ଞାନିକ ଉପଦେଷ୍ଟାମଣ୍ଡଳୀ ବୈଠକ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। କୃଷି ବୈଷୟିକ ବିଶ୍ୱ ବିଦ୍ୟାଳୟର ସମ୍ପ୍ରସାରଣର ଯୁଗ୍ମ ଅଧକ୍ଷ ଡ. ପ୍ରଶାନ୍ତ କୁମାର ମହାନ୍ତି ଅଧକ୍ଷତା କରିଥିଲେ। କୋଲକାତାରୁ ଅଟାରୀର ପ୍ରଧାନ ବୈଜ୍ଞାନିକ ଡ. କଲ୍ୟାଣ ସୁନ୍ଦର ଦାସ ଏବଂ ଅନ୍ୟ ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ କୃଷି, ପଶୁ ପାଳନ, ମତ୍ସ୍ୟ, ଜଳଛାୟା, ଶିଳ୍ପ, ବ୍ୟାଙ୍କ, ନାବାର୍ଡ, ସମାଜ କଲ୍ୟାଣ, ଅରଣ୍ୟ, ଟସର, ବୟନ ଶିଳ୍ପ, କୃଷକ ଓ କୃଷି ମହିଳା ଯୋଗ ଦେଇଥିଲେ। କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ତଥା ମୁଖ୍ୟ ଡ. ସଂଘମିତ୍ରା ପଟ୍ଟନାୟକ ପରିଚାଳନା କରିଥିଲେ। ଗୃହବିଜ୍ଞାନୀ ଡ. ଝୁନୀଲାତ ଭୂୟାଁ ଧନ୍ୟବାଦ ଦେଇଥିଲେ।

## ଭାଷ୍ୟକାର ପ୍ରଭାଷଙ୍କୁ ସମ୍ବର୍ଦ୍ଧନା



**ବଡ଼ଡାଲିମା/ତିରିଙ୍ଗ, ୭।୧୧ (ସମିସ):** ଝାରଖଣ୍ଡ ଜାମସେଦପୁର ସହର ନିକଟବର୍ତ୍ତୀ ନାସା ହାକେଗୋଡାଠାରେ ରୌପ୍ୟ ଜୟନ୍ତୀ ପାଳନ ଅବସରରେ ଗତ ୨୭ ତାରିଖ ରବିବାର ଓଡ଼ିଶା ମୟୂରଭଞ୍ଜ ଜିଲ୍ଲାର ଭାଷ୍ୟକାର ପ୍ରଭାଷ କୁମାରଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଫୁଟବଲ ପ୍ରତିଯୋଗିତା ଫାଇନାଲ ଦିନରେ ସେ ନିଜର ଚମତ୍କାର ଉପସ୍ଥାପନା ଦ୍ୱାରା ଦର୍ଶକମଣ୍ଡଳୀଙ୍କୁ ବିମୋହିତ କରିଥିଲେ। ତାସହ ଖେଳାଳି ମାନଙ୍କୁ ଉତ୍ସାହିତ କରିଥିଲେ। ପ୍ରକାଶ ଥାଉକି ପ୍ରଭାସ କୁମାର ଛଅ ଗୋଟି ଭାଷା ଯଥା ଓଡ଼ିଆ, ଇଂରାଜୀ, ବଙ୍ଗାଳୀ, ହିନ୍ଦୀ, ସାନ୍ତାଳୀ, ହୋ ଭାଷାରେ ଆକର୍ଷଣୀୟ ଢଙ୍ଗରେ ମଞ୍ଚ ପରିଚାଳନା ଓ ଧାରାବିବରଣୀ ପ୍ରଦାନ କରିଥାନ୍ତି। ପୂର୍ବରୁ ତାଙ୍କୁ ବହୁ ଅନୁଷ୍ଠାନ ସମ୍ବର୍ଦ୍ଧିତ କରିଥିବା ବେଳେ ଏ ଖବର ପ୍ରସାରିତ ହେଲାପରେ ତାଙ୍କୁ ବିଭିନ୍ନ ଦିଗରୁ ଶୁଭେଚ୍ଛାର ସୁଅ ଛୁଟିଛି।

## ନିଶାପଷିରେ ପାନ୍ତା, ଧିଙ୍ଗୁଆନୀ ଓ ଝୁମର ପ୍ରତିଯୋଗିତା



**ଠାକୁରମୁଣ୍ଡା, ୭।୧୧(ସମିସ):** ଠାକୁରମୁଣ୍ଡା ବ୍ଲକ ପଡ଼ିଆବେଡା ପଞ୍ଚାୟତ ନିଶାପଷି ଗ୍ରାମରେ ଗତକାଲି ସନ୍ଧ୍ୟାରେ କୁଡୁମୀ ସମାଜର ସାଂସ୍କୃତିକ ସଙ୍ଗଠନ ପକ୍ଷରୁ ନିଶାପଷିଠାରେ ପାନ୍ତା, ଧିଙ୍ଗୁଆନୀ ଓ ଝୁମର ପ୍ରତିଯୋଗିତାକୁ ବ୍ଲକ ଉପାଧ୍ୟକ୍ଷ ସନ୍ତୋଷ କୁମାର ମହାନ୍ତ ଉଦଘାଟନ କରିଥିଲେ। ଶିକ୍ଷକ ଭାଗୀରଥି ମହାନ୍ତଙ୍କ ସଭାପତିତ୍ୱରେ ମୁଖ୍ୟବକ୍ତା ଭାବେ ପୂର୍ବତନ ପଡ଼ିଆବେଡା କଲେଜ ଅଧକ୍ଷ ଚୈତନ୍ୟ ପ୍ରସାଦ ମହାନ୍ତ, ସମ୍ମାନିତ ଅତିଥି ଶରତଚନ୍ଦ୍ର ମହାନ୍ତ, ଉପେନ୍ଦ୍ର ମହାନ୍ତ, ମିଟୁ ମହାନ୍ତ, ସାମ୍ବାଦିକ ଦିଲ୍ଲୀପ ମହାନ୍ତ, ହରିଦାସ ମହାନ୍ତ ଯୋଗ ଦେଇଥିଲେ। ଯୁଧିଷ୍ଠିର ମହାନ୍ତ ଅତିଥି ପରିଚୟ ସହ ମଞ୍ଚ ପରିଚାଳନା କରିଥିଲେ। ପରେ ପ୍ରତିଯୋଗିତା ଆରମ୍ଭ ହୋଇଥିଲା। ଠାକୁରମୁଣ୍ଡା ବ୍ଲକ ତଥା ପଡୋଶୀ ଜିଲ୍ଲାରୁ ମଧ୍ୟ ବହୁ ଦଳ ଅଂଶଗ୍ରହଣ କରିଥିଲେ। ଏହି ପ୍ରତିଯୋଗିତାର ପାନ୍ତାସାଲିଆରେ ପ୍ରଥମ ପୁରସ୍କାର ତାଳପଦା ପାନ୍ତାସାଲିଆ ଟିମ, ଦ୍ୱିତୀୟ ପୁରସ୍କାର ଭାବେ ମା' ଗାଇଁଶ୍ରୀ ପାନ୍ତା ଟିମ ରୁଡଙ୍ଗ, ତୃତୀୟ ପୁରସ୍କାର ଭାବେ ନିହାଣଗଣ୍ଡି ପାନ୍ତାସାଲିଆ ଟିମ ତାଳପଦା ଝୁମରରେ ପ୍ରଥମ ପୁରସ୍କାର ରହିଦାସ ମହାନ୍ତ ଦ୍ୱିତୀୟ ପୁରସ୍କାର ଭାବେ ବ୍ରଜମୋହନ ମହାନ୍ତ ତୃତୀୟ ପୁରସ୍କାର ଭାବେ ବାସନ୍ତୀ ମହାନ୍ତ, ଧିଙ୍ଗୁଆନୀ ପ୍ରତିଯୋଗିତାରେ ପ୍ରଥମ ପୁରସ୍କାର ଭାବେ ତ୍ରିଶକ୍ତି ଧିଙ୍ଗୁଆନୀ ଟିମ, ତାଳପଦା ଦ୍ୱିତୀୟ ପୁରସ୍କାର, ଦିରିବ ଧିଙ୍ଗୁଆନ ଟିମ ତୃତୀୟ ସ୍ଥାନ ପାଇଁ ନିହାଣଗଣ୍ଡି ଧିଙ୍ଗୁଆନ ଟିମ ବିଜୟ ହୋଇଥିଲା ବେଳେ ବିଜୟୀ ଦଳଙ୍କୁ ପୁରସ୍କୃତ ରାଶି ପ୍ରଦାନ କରାଯାଇଛି।

## ୯ ଓ ୧୦ରେ ଏମ୍‌ପିସି କଲେଜ ବାଣିଜ୍ୟ ବିଭାଗର ସୁବର୍ଣ୍ଣ ଜୟନ୍ତୀ ଉତ୍ସବ




ବାରିପଦା, ୭।୧୧(ସମିସ)

ମହାରାଜା ପୂର୍ଣ୍ଣଚନ୍ଦ୍ର ସ୍ୱୟଂଶାସିତ ମହାବିଦ୍ୟାଳୟର ବାଣିଜ୍ୟ ବିଭାଗ ସୁବର୍ଣ୍ଣ ଜୟନ୍ତୀ ୯ ଓ ୧୦ତାରିଖରେ ପାଳିତ ହେବ। ଏହି ଉପଲକ୍ଷେ ଏକ ସାମ୍ବାଦିକ ସମ୍ମିଳନୀ ମହାବିଦ୍ୟାଳୟର ସମ୍ମିଳନୀ କକ୍ଷରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧକ୍ଷ ପ୍ରଫେସର ପୂର୍ଣ୍ଣଚନ୍ଦ୍ର ସାହୁ, ଆଲୁମିନୀ ଆସୋସିଏସନର ସଭାପତି ପ୍ର. ଈଶ୍ୱରଚନ୍ଦ୍ର ଜେନା, ପୂର୍ବତନ ଛାତ୍ର ସଭାପତି ଜୀବନ ସାହୁ, ଚିନ୍ମୟ ଦାସ ପଟ୍ଟନାୟକ, ପୂର୍ଣ୍ଣେନ୍ଦୁ ଦାସ, କଳିଙ୍ଗ କେଶରୀ ଜେନା, କୃଷ୍ଣାନନ୍ଦ ମହାନ୍ତି, ଡ. ଦୀପକ ବେହେରା, ଭୀମଚରଣ ମୁର୍ମୁ ପ୍ରମୁଖ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ଉଚ୍ଚଶିକ୍ଷା, କ୍ରୀଡ଼ା ଓ ଯୁବ ବ୍ୟାପାର ଓଡ଼ିଆ ଭାଷା ସାହିତ୍ୟ ସଂସ୍କୃତି ବିଭାଗ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ଉଦଘାଟନ କରିବାର କାର୍ଯ୍ୟକ୍ରମ ରହିଛି। ଗୃହ ଓ ନଗର ଉନ୍ନୟନ ଓ ସରକାରୀ ଉଦ୍ୟୋଗ ମନ୍ତ୍ରୀ ଡା କୃଷ୍ଣଚନ୍ଦ୍ର ମହାପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ମୟୂରଭଞ୍ଜ ଲୋକସଭା ସାଂସଦ ନବଚରଣ ମାଝୀ, ବାରିପଦା ବିଧାୟକ ପ୍ରକାଶ ସୋରେନ, ମହାବିଦ୍ୟାଳୟର ପରିଚାଳନା ସମିତି ସଭାପତି ପ୍ରଫେସର ମେଜର ଡ଼ କଳ୍ପନା ଦାସ ସମ୍ମାନିତ ଅତିଥି ଭାବେ ଉଦଘାଟନୀ ଉତ୍ସବରେ ଯୋଗଦେବେ। ସେହିପରି ୧୦ ତାରିଖ ସକାଳ ୧୦ଟା ବେଳେ ସମାରୋହର ଦ୍ୱିତୀୟ ପେନାଲ ଆଲୋଚନା ଆୟୋଜିତ ହେବ। ୧୧.୩୦ ସମୟରେ ପୂର୍ବତନ ଛାତ୍ରଛାତ୍ରୀ, ଅଧ୍ୟାପକ ଅଧ୍ୟାପିକାଙ୍କ ଏକ କାର୍ଣ୍ଣିଭାଲ ସହର ପରିକ୍ରମା କରିବ। ୯ ତାରିଖ ଅପରାହ୍ନରୁ ରାତ୍ରି ପର୍ଯ୍ୟନ୍ତ ସମସ୍ତ କାର୍ଯ୍ୟକ୍ରମ ଯଥା ଅଲୁମିନି ମିଟ, ସମ୍ମାନିତ କରିବା, ଗାଲାଡ଼ିନର, ବଡ଼ବଜାରର ସ୍ଥିତ ଏମପିସି ଜୁନିୟର କଲେଜରେ ଆୟୋଜିତ ହେବ। ଏହି କାର୍ଯ୍ୟକ୍ରମକୁ ସଫଳ କରିବା ନିମନ୍ତେ ପୂର୍ବତନ ବାଣିଜ୍ୟ ବିଭାଗର ପ୍ରଥମ ଛାତ୍ରୀ ପ୍ରଫେସର୍ ମନ୍ଦାକିନୀ ମିଶ୍ର, ପ୍ରଫେସର୍ ଉପେନ୍ଦ୍ର ନାଥ ସାହୁ, ପ୍ରଦୀପ କୁମାର ପାଣିଗ୍ରାହୀ, ପ୍ରଫେସର୍ ଅନାମ ଚରଣ ରାଉଳ, ଜ୍ଞାନରଞ୍ଜନ ପଣ୍ଡା, ପ୍ରଦୀପ ନାୟକ, ରାକେଶ ବେହେରା ଓ ଅନ୍ୟ ବାଣିଜ୍ୟ ବିଭାଗର ଛାତ୍ର ଛାତ୍ରୀ ସମସ୍ତଙ୍କର ସହଯୋଗ କାମନା କରିଛନ୍ତି।

ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ



✓ ଯମେଶ୍ୱର କହଲସିଂହ
ସାହିତ୍ୟିକ ଓ ଶିକ୍ଷାବିତ
ଲୋକିପୁର, ଗଡ଼ମାଣିତିର, ଖୋର୍ଦ୍ଧା
ଆବିର୍ଭାବ- ୧୮.୦୮.୧୯୪୭
ତିରୋଧାନ - ୧୯.୧୧.୨୦୨୩
ଚାହୁଁ ଚାହୁଁ ଏକ ବର୍ଷ ବିତିଗଲା ।
ଆପଣଙ୍କର ଶ୍ରଦ୍ଧା ଓ ସ୍ନେହକୁ ଆମ୍ଭେମାନେ ସର୍ବଦା ମନେ ରଖିବୁ ।
ଆପଣଙ୍କ ଅମର ଆତ୍ମାର ସଦଗତି ପାଇଁ ପ୍ରଭୁଙ୍କ ଚରଣରେ ପ୍ରାର୍ଥନା କରୁଛୁ ।
ଶୋକସନ୍ତପ୍ତ : ପୁଅବୋହୂ -ରତିକାନ୍ତ, ମିନାକ୍ଷୀ, ନିଶିକାନ୍ତ, ସ୍ୱପ୍ନପ୍ରଭା, ଶୁଭକାନ୍ତ, ଶୁଭଶ୍ରୀ, ସୀତାକାନ୍ତ, ଲିପି, ଶଶିକାନ୍ତ, ରୁନୁ, ସୌମ୍ୟକାନ୍ତ, ସ୍ନେହା, ନାତୁଣୀନାତି -ଲିଟି, ରିକି ସ୍ମିତି, ପ୍ରୀତୀ, ଟୁଟୁନା, ଟିଟି, ବିଭୁ ଓ ପ୍ରଭୁ ପରିବାରବର୍ଗ

# ବିଡିଓଙ୍କ ମନମୁଖୀ; ତେଜୁଛି ଜନଅସନ୍ତୋଷ

## ବସୁନି ପଞ୍ଚାୟତସମିତି ବୈଠକ, ସହଯୋଗ ନ କଲେ କର୍ମଚାରୀଙ୍କ ବଦଳି

ରାଇରଙ୍ଗପୁର, ୭ା୧୧(ସମିସ): ଉନ୍ନୟନମୂଳକ କାର୍ଯ୍ୟର ରୂପାୟଣ ପାଇଁ ବହଳଦା ବ୍ଲକ ଜିଲ୍ଲାସ୍ତରରେ ପ୍ରଥମ ସ୍ଥାନରେ ରହି ନିଜ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବା ସହ ବାମନଘାଟି ଉପଖଣ୍ଡ ଅଞ୍ଚଳରେ ସୁନାମ ଅର୍ଜନ କରିଥିଲା। ବର୍ତ୍ତମାନ କାର୍ଯ୍ୟରତ ବିଡିଓଙ୍କ ଅମଳରେ ବହଳଦା ବ୍ଲକ ଅତି ତଳ ପାହ୍ୟାକୁ ଖସି ଯାଇଛି। କର୍ମଚାରୀ ପଦରିକ୍ତ ଥିବା ଏହି ପଞ୍ଚାୟତସମିତିରେ ପ୍ରାୟ ଦେଢ଼ବର୍ଷ ହେଲା ବୈଠକ ବସୁନାହିଁ। ସେହିପରି ଉନ୍ନୟନ କାର୍ଯ୍ୟର ତଦାରଖ ହେଉ ନଥିଲା ବେଳେ ମନଇଚ୍ଛା ଶାସନ ବ୍ୟବସ୍ଥା ଚାଲିଛି। ବିଡିଓଙ୍କ ମନମୁଖୀ କାର୍ଯ୍ୟ ସହ ଦୁର୍ନୀତି ମଧ୍ୟ ବଢ଼ି ବଢ଼ି ଚାଲିଥିଲା ବେଳେ ଏନେଇ ଜନଅସନ୍ତୋଷ ତେଜିବାରେ ଲାଗିଛି।




ଆଦିବାସୀ ବହୁଳ ମୟୁରଭଞ୍ଜ ଜିଲ୍ଲା ବାମନଘାଟି ଉପଖଣ୍ଡ ଅଞ୍ଚଳରେ ବହଳଦା ବ୍ଲକ ୧୨ଟି ଗ୍ରାମପଞ୍ଚାୟତକୁ ନେଇ ଗଠିତ ହୋଇଛି। ଏହା ଅଧୀନରେ ପ୍ରାୟ ୯୯ଟି ଗାଁ ରହିଛି। ବହଳଦା ଏବିଡିଓ, ସହାୟକ ଯନ୍ତ୍ରୀ, କନିଷ୍ଠ ଯନ୍ତ୍ରୀ, ଜିପିଓ, ଏପିଓ, କିରାଣି ପଦଗୁଡିକ ପ୍ରାୟ ଏକ ବର୍ଷରୁ ଖାଲି ହୋଇ ରହିଛି। ଜଣେ କନିଷ୍ଠ ଯନ୍ତ୍ରୀ ପ୍ରଫୁଲ୍ଲ ବେଦଙ୍କୁ ୭ଟି ଗ୍ରାମପଞ୍ଚାୟତ ବାସିଙ୍ଗି, ବଡ଼ପଳସା, ବହଳଦା, ଭିତରଆମଦା, କାଙ୍କି, ଅସନା ଓ ଶଶର ଦାୟିତ୍ୱ ଦିଆଯାଇଛି। ଜଣେ ପିଇଓ ଦୀପକ ମହାନ୍ତଙ୍କୁ ଦୁଇଟି ଗ୍ରାମପଞ୍ଚାୟତ ବହଳଦା ଓ ଯଶୀପୁର ସହ ବ୍ଲକରେ ଜିପିଓର ଅତିରିକ୍ତ କାର୍ଯ୍ୟଭାର ପ୍ରଦାନ କରିଛନ୍ତି। ବିଡିଓ ଗ୍ରାମପଞ୍ଚାୟତ ବା ଅନ୍ୟ ଉନ୍ନୟନମୂଳକ କାର୍ଯ୍ୟଗୁଡିକ ତଦାରଖ ପାଇଁ କାର୍ଯ୍ୟ କ୍ଷେତ୍ରକୁ ଯାଉ ନ ଥିବା ମଧ୍ୟ ଅଭିଯୋଗ ହୋଇଛି। ଦୁଇ ମାସରେ ଥରେ ପଞ୍ଚାୟତସମିତିର ବୈଠକ କରାଯିବ ଆବଶ୍ୟକ ରହିଥିବା ବେଳେ ବହଳଦା ବ୍ଲକରେ ବିଗତ ବର୍ଷ ଫେବୃଆରୀରୁ ବର୍ତ୍ତମାନ ପର୍ଯ୍ୟନ୍ତ ସମିତି ବୈଠକ କରାଯାଇନାହିଁ। କାର୍ଯ୍ୟକ୍ଷେତ୍ରକୁ ନ ଯାଇ ବ୍ଲକ କାର୍ଯ୍ୟଳୟ ସରକାରୀ କ୍ୱାର୍ଟରରେ ବସି ଜେଇ ମାନେ ଉନ୍ନୟନମୂଳକ କାର୍ଯ୍ୟଗୁଡିକୁ ତ୍ୱରନ୍ୱିତ କରି ବିଲ୍ କରୁଥିବା ଦେଖାଯାଇଛି।

ଏହାବ୍ୟତୀତ ଆମ ଓଡ଼ିଶା ନବୀନ ଓଡ଼ିଶା ଯୋଜନାରେ ସଚେତନତା କାର୍ଯ୍ୟକ୍ରମ, ଶ୍ରୀମନ୍ଦିର ପରିକ୍ରମା, ନୂଆ-ଓ ଓଡ଼ିଶା, ବିଏସକେୱାଇ କାର୍ଡ ବଣ୍ଟନ ଆଦି ଜନହିତକର କାର୍ଯ୍ୟରେ ଅନିୟମିତତା ହେଉଥିବା ଅଭିଯୋଗ କରାଯାଉଛି। ଏଭଳି କିଛି ଅନିୟମିତତାରେ ସହଯୋଗ କରୁନଥିବା କର୍ମଚାରୀଙ୍କୁ ବିଡ଼ିଓଙ୍କ ନିର୍ଦ୍ଦେଶକ୍ରମେ ଅନ୍ୟ ସ୍ଥାନକୁ ବଦଳି କରାଯାଉଥିବା ନଜିର ମଧ୍ୟ ରହିଛି। କିଛି ମାସ ପୂର୍ବରୁ ସହାୟକ ଯନ୍ତ୍ରୀ ହମ୍ବିରାମ ମାରାଣ୍ଡି, ଏବିଡିଓ ଶକ୍ତିପ୍ରସାଦ ପାଇକରାଏ, ଏପିଓ ସିଦ୍ଧାର୍ଥ ପାଲ ସହ ଅନ୍ୟ ଜେଇ ମାନଙ୍କୁ ବଦଳି କରାଯାଇଛି। ଅତ୍ୟଧିକ ଚାପ ଯୋଗୁଁ ଜିପିଡ଼ିଓ ଦୁର୍ଯ୍ୟୋଧନ ବେହେରା ଏବଂ ପିଇଓ ଶୁଭଶ୍ରୀ ଗିରି ନିଜ ପଦରୁ ଇସ୍ତଫା ଦେଇ ସାରିଛନ୍ତି। ବହଳଦା ବ୍ଲକରେ ନୂପୁର ଚାନ୍ଦଗୋଟିଆ କାର୍ଯ୍ୟରତ ରହିଥିବା ପର୍ଯ୍ୟନ୍ତ ବ୍ଲକରେ ଅନୁସାଶନ ରହିବା ସହ ଉନ୍ନୟନମୂଳକ କାର୍ଯ୍ୟଗୁଡିକ ଠିକ ଭାବରେ ତ୍ୱରାନ୍ୱିତ ହେଉଥିଲା। ଏହି ଦୃଷ୍ଟିରୁ ବ୍ଲକ ପ୍ରଶାସନ ନିଜ କାର୍ଯ୍ୟଶୈଳୀ ସମୀକ୍ଷା କରିବା ସହ ଖାଲି ପଡ଼ିଥିବା ପଦ ପୂରଣ କରାଇ ଉନ୍ନୟନ କାର୍ଯ୍ୟକୁ ସ୍ୱଚ୍ଛତାର ସହ କାର୍ଯ୍ୟକାରୀ କରିବାକୁ ସଚେତନ ମହଲରେ ମତ ପ୍ରକାଶ ପାଇଛି।

## ଟ୍ରାକ୍ଟର ଧକ୍କାରେ ବାପପୁଅ ଗୁରୁତର



ଠାକୁରମୁଣ୍ଡା, ୭ା୧୧ (ସମିସ): ନିଜ ଧାନ ବିଲରୁ ତିନି ବର୍ଷ ପୁଅ ସହ ସାଇକଲରେ ଘରକୁ ଫେରୁଥିବା ସମୟରେ ଟ୍ରାକ୍ଟର ଧକ୍କାରେ ବାପପୁଅ ଗୁରୁତର ହୋଇଛନ୍ତି। ପ୍ରଥମେ ଠାକୁରମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଏବଂ ସେଠାରୁ ଆନନ୍ଦପୁର ସରକାରୀ ଚିକିତ୍ସାଳୟକୁ ସ୍ଥାନାନ୍ତରିତ ହୋଇଛନ୍ତି। ଠାକୁରମୁଣ୍ଡା ଥାନା ଖଣ୍ଡବନ୍ଧ ପଞ୍ଚାୟତ କେଲପୋଷି ଗ୍ରାମର ରାଉତ ହୋ (୨୬) ଓ ତାଙ୍କ ତିନିବର୍ଷର ପୁଅ ସାଇକଲରେ ଘରକୁ ଫେରୁଥିଲେ। ବିପରୀତ ପଟୁ ଏକ ଟ୍ରାକ୍ଟର ତାଙ୍କୁ ଧକ୍କା ଦେଇଥିଲା। ବାପପୁଅ ଗୁରୁତର ହୋଇଥିଲା ବେଳେ ସାଇକଲଟି ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି। ଘଟଣାସ୍ଥଳରୁ ଟ୍ରାକ୍ଟର ଚାଳକ ଫେରାର ଥିବା ବେଳେ ଠାକୁରମୁଣ୍ଡା ଥାନା ପୁଲିସ ଅଧିକ ତଦନ୍ତ ଜାରି ରଖିଛି।

### ଫୁଡ୍ ଫ୍ୟାକ୍ଟ୍ରି ନିର୍ମାଣକୁ ବିରୋଧ ଜାରି, ଆଇଟିଡିଏ ଯନ୍ତ୍ରୀଙ୍କୁ ଅଟକାଇଲେ

## ବିନା ପଲ୍ଲୀସଭାରେ ତରବରିଆ ଉଦ୍‌ଘାଟନ ନେଇ ଅସନ୍ତୋଷ



ମୋରଡ଼ା, ୭ା୧୧(ସମିସ): ନଭେମ୍ବର ୫ ତାରିଖ ତରବରିଆ ଭାବେ ମୋରଡ଼ା ନିର୍ବାଚନମଣ୍ଡଳୀର ବିଧାୟକ ତଥା ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର ମୋରଡ଼ା ବ୍ଲକର ନୂଆଖାଲିଆ ପଞ୍ଚାୟତ କାନ୍ଦଣା ଗ୍ରାମରେ ଶିଳ୍ପଭିତ୍ତିକ ପାର୍କ ଓ ଖାଦ୍ୟ ପ୍ରକ୍ରିୟାକରଣ ୟୁନିଟ ବିଲ୍ଡିଂର ପ୍ରତିଷ୍ଠା ନିମନ୍ତେ ଶିଳାନ୍ୟାସ କରିଥିବା ଫୁଡ ଫ୍ୟାକ୍ଟ୍ରିକୁ କାନ୍ଦଣା ଗ୍ରାମର ଶତାଧିକ ଗ୍ରାମବାସୀ ବିରୋଧ କରିଛନ୍ତି। ପ୍ରଥମ ପର୍ଯ୍ୟାୟରେ କାନ୍ଦଣା ଗ୍ରାମରେ ଥିବା ଏକ ସରକାରୀ ଜମିକୁ ମାପ କରିବା ପାଇଁ ମୋରଡା ତହସିଲଦାର ସାନମୁଣ୍ଡାବଣି ଆରଆଇ କୃଷ୍ଣମୋହନ ମହାନ୍ତ, ଅମିନ ଗଗନ ମିଶ୍ର ଓ ପରମେଶ୍ୱର ପଣ୍ଡିତଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏଥିସହିତ ବାରିପଦା ଆଇଟିଡିଏ ସହକାରୀ ଯନ୍ତ୍ରୀ ଅଜିତାଭ ମଲ୍ଲିକ ମଧ୍ୟ ଉକ୍ତ ସ୍ଥାନରେ ଉପସ୍ଥିତ ଥିଲେ, କିନ୍ତୁ ମାପ ହେବାକୁ ନେଇ ପ୍ରଥମରୁ ବିରୋଧ କରିଥିଲେ ଗ୍ରାମବାସୀ। ଗ୍ରାମର ପ୍ରାୟ ୫୦ ମହିଳା ଉକ୍ତ ଜାଗା ମାପକୁ ବିରୋଧ କରି ପ୍ରକଳ୍ପ କରାଇ ନଦେବାକୁ ନାରା ଦେଇଥିଲେ। ଅଭିଯୋଗ ମୁତାବକ, ଉକ୍ତ ୩୭ ଏକର ୨୮ ଡେସିମିଲ ଜାଗାର ତହସିଲ ପ୍ରଶାସନକୁ ଜରିମାନା ଦେଇ ଦୀର୍ଘ ୩୦ ବର୍ଷ ହେବ କାନ୍ଦଣା ଗ୍ରାମର ପ୍ରାୟ ୩୦୦ରୁ ଅଧିକ ପରିବାର ଏଠାରେ ବିଭିନ୍ନ ପ୍ରକାର ଚାଷ କରିଆସୁଛନ୍ତି। ଗ୍ରାମବାସୀଙ୍କ ରୋଜଗାରକୁ ଧ୍ୟାନ ନଦେଇ କିମ୍ବା ପଲ୍ଲୀସଭା ନକରି ହଠାତ ଶିଳ୍ପଭିତ୍ତିକ ପାର୍କ ଓ ଖାଦ୍ୟ ପ୍ରକ୍ରିୟାକରଣ ୟୁନିଟ କରିବା ଆଦୌ ଠିକ ନୁହେଁ। ଆଇଟିଡିଏ ସହକାରୀ ଯନ୍ତ୍ରୀ ଅଜିତାଭ ମଲ୍ଲିକଙ୍କୁ ମଧ୍ୟ ଦୀର୍ଘ ସମୟ ଧରି ଅଟକ ରଖିଥିଲେ ଗ୍ରାମବାସୀ। ଶ୍ରୀ ମଲ୍ଲିକ ଗ୍ରାମବାସୀଙ୍କ ସହ ଆଲୋଚନା କରି ସମସ୍ୟାର ସମାଧାନ କରିବାକୁ ଚେଷ୍ଟା କରିଥିଲେ ମଧ୍ୟ କୌଣସି ସମାଧାନ ହୋଇପାରି ନଥିଲା। ଏ ସମ୍ପର୍କରେ ଏକ ବୈଠକ କରି ଗ୍ରାମବାସୀ ବିଭାଗକୁ ଜଣାଇବେ ବୋଲି ପ୍ରକାଶ କରିଥିଲେ। ଆଇଟିଡିଏ ସହକାରୀ ଯନ୍ତ୍ରୀ ଅଜିତାଭ ମଲ୍ଲିକ କହିଛନ୍ତି, ଗୁରୁବାର ସନ୍ଧ୍ୟାରେ ଏକ ବୈଠକ କରି ଲିଖିତ ଭାବେ ପ୍ରଶାସନକୁ ତାଙ୍କର ଅଭିଯୋଗ ଜଣାଇବା ପରେ ପରାମର୍ଶ କରିବେ। ଲୋକଙ୍କୁ ଫ୍ୟାକ୍ଟ୍ରିର ଉପକାରିତା ବିଷୟରେ ଅବଗତ କରାଗଲା ପରେ କାର୍ଯ୍ୟ ଆରମ୍ଭ କରାଯିବ।

### ପିଆର୍‌ଏମ୍ ହସ୍ପିଟାଲ ଟେଣ୍ଡର ଅନିୟମିତତା

## ତଥ୍ୟ ଦେବାକୁ କୁଣ୍ଠ କୁଣ୍ଠ କର୍ତ୍ତୃପକ୍ଷ

ବାରିପଦା, ୭ା୧୧(ସମିସ): ବାରିପଦାସ୍ଥିତ ପିଆରଏମ ହସ୍ପିଟାଲରେ ବିନା ଟେଣ୍ଡରରେ ଠିକାସଂସ୍ଥା ଚଳାଇ ଲକ୍ଷାଧିକ ଟଙ୍କା ଚଳୁ କରିଥିବା ନେଇ ଅଭିଯୋଗ ହୋଇଛି। ସୂଚନା ଅଧିକାର ଆଇନରେ ଅପିଲ କରିବା ପରେ ମଧ୍ୟ ତଥ୍ୟ ପ୍ରଦାନ କରାଯାଉନାହିଁ। ୨୦୧୯ ରେ ବିନା ଟେଣ୍ଡରରେ ରିଡଟେକ ସଲୋସନ ଇଣ୍ଡିଆ ପ୍ରାଇଭେଟ୍ ଲିମିଟେଡ ନାମକ ଠିକାସଂସ୍ଥାକୁ ଟେଣ୍ଡର ପ୍ରଦାନ କରାଯାଇଥିଲା। ଏ ବାବଦରେ ସୂଚନା ଅଧିକାର କର୍ମୀ ମହେଶ୍ୱର ମହାନ୍ତି ୨୦୧୯ରେ ତଥ୍ୟ ଜାଣିବାକୁ ଚାହିଁଥିଲେ। ମାତ୍ର ପିଆରଏମ ହସ୍ପିଟାଲ ପକ୍ଷରୁ ଉକ୍ତ ଠିକା ସଂସ୍ଥାକୁ ତଥ୍ୟ ଦେବାକୁ କୁହାଯାଇଥିଲା। ଧାର୍ଯ୍ୟ ସମୟରେ ତଥ୍ୟ ନ ମିଳିବାରୁ ଜାନୁୟାରୀ ୨୦୨୦ରେ ପିଆରଏମ ହସ୍ପିଟାଲକୁ ପ୍ରଥମ ଅପିଲ କରିଥିଲେ। ନିରାଶ ହୋଇ ରାଜ୍ୟ ସୂଚନା ଆୟୋଗଙ୍କ ଦ୍ୱାରସ୍ଥ ହୋଇ ଫେବୃୟାରୀ ୨୦୨୦ରେ ଅପିଲ କରିଥିଲେ। ଅପିଲ ଦରଖାସ୍ତକୁ ପଞ୍ଜିକୃତ କରି ୨୦୨୩ରେ ହସ୍ପିଟାଲର ଜନସୂଚନା ଅଧିକାରୀ ଏବଂ ପ୍ରଥମ ଅପିଲ କର୍ତ୍ତୃପକ୍ଷଙ୍କୁ ୩୦ଦିନ ଭିତରେ କାରଣ ଦର୍ଶାଅ ନୋଟିସ ଜାରୀ ହୋଇଥିଲା। ରିଡଟେକ ସଂସ୍ଥାକୁ ବିନା ଟେଣ୍ଡରରେ ୩୨ ଲକ୍ଷ ଟଙ୍କା ହସ୍ପିଟାଲ କର୍ତ୍ତୃପକ୍ଷ କେଉଁ ଆଧାରରେ ପ୍ରଦାନ କରିଛନ୍ତି ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି। ୨୦୧୭ଠାରୁ ୨୦୧୯ ମସିହା ପର୍ଯ୍ୟନ୍ତ ନିର୍ଦ୍ଧାରିତ ମୂଲ୍ୟଠାରୁ କମରେ ଉକ୍ତ ଠିକାସଂସ୍ଥା କାର୍ଯ୍ୟ ହାତେଇଥିବା ସନ୍ଦେହ କରି ୧୯ ଅକ୍ଟୋବର ୨୦୨୪ରେ କମିଶନ ଶୁଣାଣି ପାଇଁ ଉଭୟ ପକ୍ଷଙ୍କୁ ଡାକି ବିଚାର କରିଥିଲେ। ଜନସୂଚନା ଅଧିକାରୀ ନଥିପତ୍ର ଯାଞ୍ଚ କରି ସଠିକ ତଥ୍ୟ ପ୍ରଦାନ କରିବାକୁ କହିଥିଲେ। ଏଥି ସହିତ ବିଳମ୍ବ ପାଇଁ ଯିଏ ଦାୟୀ ତାଙ୍କୁ ଚିହ୍ନଟ କରି ସୂଚନା ଅଧିକାର ଆଇନ ଅନୁଯାଇ ଦଣ୍ଡିତ ନେଇ କହିଥିଲେ। କମିଶନଙ୍କ ନିର୍ଦ୍ଦେଶରେ ପିଆରଏମ ହସ୍ପିଟାଲର ଅଧୀକ୍ଷକ ତଥା ପ୍ରଥମ ଅପିଲ କର୍ତ୍ତୃପକ୍ଷଙ୍କ ଚିଠି ସଂଖ୍ୟା ୬୬୬୯ ଅନୁଯାୟୀ, ୧ନଭେମ୍ବର ୨୦୨୪ରେ ମହେଶ୍ୱର ମହାନ୍ତି ନଥିପତ୍ର ଯାଞ୍ଚ ସହ ତଥ୍ୟ ଦେବାକୁ ଅଧିକାରୀଙ୍କୁ ଅନୁରୋଧ କରିଥିଲେ। ମାତ୍ର ଦାୟିତ୍ୱରେ ଥିବା ଅଧିକାରୀ ଜଣକ ତାଙ୍କୁ ଘଣ୍ଟା ଘଣ୍ଟା ଧରି ଅପେକ୍ଷା କରାଇ ମାନସିକ ନିର୍ଯାତନା ଦେବା ସହ ଶେଷରେ ତଥ୍ୟ ଦେବାକୁ କୁଣ୍ଠାବୋଧ ପ୍ରକାଶ କରିଥିଲେ ବୋଲି ଶ୍ରୀ ମହାନ୍ତି ଅଭିଯୋଗ କରିଛନ୍ତି। ଉକ୍ତ ଠିକାସଂସ୍ଥା ଜରିଆରେ ଲକ୍ଷାଧିକ ଟଙ୍କା ଚଳୁ ହୋଇଛି ବୋଲି ସନ୍ଦେହ ପ୍ରକାଶ ପାଇଛି।

### ଜିଲ୍ଲାରେ ନକଲି କିନ୍ନର

## ମହାସଂଘର ଦାବି ୪୦: ସରକାରୀ ଖାତାରେ ୮୯

ବାରିପଦା, ୭ା୧୧(ସମିସ): ମୟୂରଭଞ୍ଜ ଜିଲ୍ଲାରେ ପୁରୁଷଙ୍କୁ ନକଲି କିନ୍ନର ପରିଚୟ ଦେଇ କିନ୍ନରଙ୍କ ପାଇଁ ଉଦ୍ଦିଷ୍ଟ ସରକାରୀ ସହାୟତା କିଛି ଚକ୍ରାନ୍ତକାରୀ ହାତେଇବାରେ ଲାଗିଛନ୍ତି। ବିଭିନ୍ନ ସମୟରେ ଜିଲ୍ଲାର ସାମାଜିକ ସୁରକ୍ଷା ଅଧିକାରୀଙ୍କୁ କେତେକ ଏନଜିଓ ସଂସ୍ଥା ହାତେଇ ବେଆଇନ ଭାବେ ତୃତୀୟ ଲିଙ୍ଗୀ ପ୍ରମାଣପତ୍ର ହାସଲ କରୁଥିବା ମୟୂରଭଞ୍ଜ କିନ୍ନର ମହାସଂଘ ଗୁରୁତର ଅଭିଯୋଗ କରିଛି। ଜିଲ୍ଲା ପ୍ରଶାସନ ମଧ୍ୟ ସଠିକ୍ ଭାବରେ ଯାଞ୍ଚ ନକରି ଆବେଦନକାରୀଙ୍କୁ ମନଇଚ୍ଛା ଭାବେ କିନ୍ନର ପ୍ରମାଣପତ୍ର ପ୍ରଦାନ କରିଛି। ଏନେଇ ଏକ ଦାବିପତ୍ର ଜିଲ୍ଲାପାଳ ହେମକାନ୍ତ ସଏଙ୍କୁ ସଂଘ ପ୍ରଦାନ କରିଛି।



ସୂଚନା ଅନୁସାରେ, ଜିଲ୍ଲାରେ ମୋଟ୍ ୪୦ଜଣ କିନ୍ନର ରହିଥିବା ମହାସଂଘ ପକ୍ଷରୁ ଦାବି କରାଯାଉଛି। ସରକାରୀ ସ୍ତରରେ ଏହାର ସଂଖ୍ୟା ୮୯ଜଣ ରହିଥିବା ଜଣାଯାଇଛି। ଯାହାକି ଭୁଲ ତଥ୍ୟ ଅଟେ, ଏଥିପାଇଁ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀଙ୍କୁ କିନ୍ନର ମହାସଂଘ ଦାୟୀ କରିଛି। ସରକାର ସେମାନଙ୍କ ପାଇଁ କରୁଥିବା କଲ୍ୟାଣକାରୀ ଯୋଜନାକୁ ବାଟମାରଣା କରାଯାଉଥିବା କିନ୍ନରମାନେ ଅଭିଯୋଗ କରିଛନ୍ତି। ଏହାଦ୍ୱାରା ଏନଜିଓ ସଂସ୍ଥାଗୁଡ଼ିକ ଲାଭବାନ ହେଉଛନ୍ତି। ବାଧହୋଇ ଜଣେ କିନ୍ନର ରାସ୍ତାକଡ଼ରେ ଛିଡ଼ା ହେବା ସହ ରେଳଷ୍ଟେସନ ଓ ବସଷ୍ଟାଣ୍ଡ ଆଦିରେ ନାଚଗୀତ କରି ଟଙ୍କା ରୋଜଗାର କରୁଛନ୍ତି। ଏସବୁର ସମାଧାନ କରିବା ସହିତ ଜିଲ୍ଲାର ପ୍ରକୃତ କିନ୍ନର ମାନଙ୍କୁ ଚିହ୍ନଟ କରି ସେମାନଙ୍କୁ ସଠିକ୍ ଭାବରେ ସରକାରୀ ସହାୟତା ଯୋଗାଇ ଦେବାକୁ ଜିଲ୍ଲାପାଳଙ୍କୁ ମହାସଂଘ ପକ୍ଷରୁ ଅଭିଯୋଗ ଜଣାଯାଇଥିଲା। ତୁରନ୍ତ ଏହାର ସମାଧାନ ନହେଲେ ଆଗାମୀ ଦିନରେ ରାଜରାସ୍ତାକୁ ଓହ୍ଲାଇବା ନେଇ କିନ୍ନର ମହାସଂଘ ପକ୍ଷରୁ ଚେତାବନୀ ଦେଇଥିଲେ। କିନ୍ତୁ ଏହା ପରେ ମଧ୍ୟ କୌଣସି ସମାଧାନ ନହେବାରୁ ପ୍ରତିବାଦ ପ୍ରଦର୍ଶନ ପୂର୍ବକ ଦାବିପତ୍ର ପ୍ରଦାନ କରିଛନ୍ତି। ଏହି ସମୟରେ ମୟୂରଭଞ୍ଜ କିନ୍ନର ମହାସଂଘ ସଭାପତି ମନୀଷା ସାହୁ, ମାୟା କିସନ୍, ଶିବାନି ହାଁସଦା, ହରିଶ୍ଚନ୍ଦ୍ର ସିଂ, ଶ୍ରୀକାନ୍ତ ତରେଇ, ଦଶମାତ ହେମ୍ବ୍ରମ ଓ ଅନ୍ୟାନ୍ୟ କିନ୍ନର ଉପସ୍ଥିତ ଥିଲେ।

**ପୁରୁଷଙ୍କୁ ମିଛ କିନ୍ନର ପ୍ରମାଣ ପତ୍ର ପ୍ରଦାନ ଅଭିଯୋଗ**

## ନୂତନ କଲେଜ ଅଧ୍ୟାପକଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା

ଶୁଳିଆପଦା, ୭ା୧୧(ସମିସ): ଶୁଳିଆପଦା ବ୍ଲକ ମହାବିଲା ପଞ୍ଚାୟତସମିତି କଲେଜରେ ନୂତନ ଅଧ୍ୟକ୍ଷ ଭାବରେ ଗଣିତ ଅଧ୍ୟାପକ ଶୋଭକର ଆଚାର୍ଯ୍ୟ ଦାୟିତ୍ୱ ଗ୍ରହଣ କରିଛନ୍ତି। ଅର୍ଥନୀତି ବିଭାଗର ଅଧ୍ୟାପକ ଅର୍ଜୁନ ପ୍ରଧାନଙ୍କ ଇସ୍ତଫା କାରଣରୁ ସେ ଦାୟିତ୍ୱ ନେଇଛନ୍ତି। ଏନେଇ ଆୟୋଜିତ ସଭାରେ ରସାୟନ ବିଭାଗ ଅଧ୍ୟାପକ ଅରୁଣ ଦତ୍ତ ଅତିଥି ପରିଚୟ ପ୍ରଦାନ କରିଥିଲେ। ଅଧ୍ୟାପକ ଦେବବ୍ରତ ଦେଓ



ସର୍ଦ୍ଦାର, ବ୍ରହ୍ମାନନ୍ଦ ମହାନ୍ତି, ସୁନନ୍ଦ ବାଗ, ବିଷ୍ଣୁପଦ ରାଉତ ଅଧ୍ୟାପିକା ସିପ୍ରା ଗିରି, ଡ. ଦୀପାଞ୍ଜଳି ଭଞ୍ଜ, ସମୂହ ନିଜନିଜର ଅନୁଭୂତି ପ୍ରକାଶ କରିଥିଲେ। ସୁବାସ ପାଣିଗ୍ରାହୀ, ଗୌରଚନ୍ଦ୍ର ସୁର, ମାନସୀ ସାହୁ, ଗୀତାଞ୍ଜଳି ସେନାପତି, ଅନ୍ନପୂର୍ଣ୍ଣା ସାହୁ ସହ କଲେଜର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ। ଅଧ୍ୟାପକ ଜନ୍ମେଜୟ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

## ଟ୍ରେନ୍‌ରେ କଟି ଯୁବତୀ ମୃତ

ସାରସକଣା, ୭ା୧୧(ସମିସ): ସାରସକଣା ବ୍ଲକ ସଙ୍କୁଚା ନିକଟରେ ଟ୍ରେନ ଦୁର୍ଘଟଣାରେ ଜଣେ ଯୁବତୀଙ୍କ ମୃତ୍ୟୁ ହୋଇଛି। ଗୁରୁବାର ସଂଧ୍ୟା ସମୟରେ ବାରିପଦା ପଟୁ ଡିଏମୟୁ ଟ୍ରେନଟି ବାଙ୍ଗିରିପୋଷି ଅଭିମୁଖେ ଯାଉଥିବା ବେଳେ, ଟ୍ରେନଟି ସଙ୍କୁଚା ଗାଁର ଅଶୋକ ସିଂ (ଡାକୁ)ଙ୍କ ଝିଅ ଗଙ୍ଗା (୧୯)ଙ୍କୁ ଧକ୍କା ଦେବା ଫଳରେ ଘଟଣାସ୍ଥଳରେ ତାଙ୍କ ମୃତ୍ୟୁ ହୋଇଥିଲା। ଖବର ପାଇ ଝାରପୋଖରିଆ ଥାନାର ଟିମ ସଦଳବଳେ ପହଞ୍ଚିଥିଲେ। ମୃତ୍ୟୁ ଘଟଣାଟି ରେଳ ବିଭାଗ ପୁଲିସ ଅଧୀନରେ ଥିବା ବେଳେ ରାତି ୧୦ଟା ସୁଦ୍ଧା ରେଳ କର୍ତ୍ତୃପକ୍ଷ ପହଞ୍ଚି ନଥିଲେ। ମୃତ ଗଙ୍ଗା ସିଂ ଟ୍ରେନରେ ସମ୍ପର୍କୀୟଙ୍କ ଘରୁ ଫେରୁଥିବା ବେଳେ ତାଙ୍କ ମୃତ୍ୟୁର ସଠିକ କାରଣ ତଦନ୍ତ ପରେ ଜଣାପଡ଼ିବ ବୋଲି କୁହାଯାଉଛି।

## ବାଇକ୍ ନେଇ ଚମ୍ପଟ ମାରିଲେ ଦୁର୍ବୃତ୍ତ

ରାଇରଙ୍ଗପୁର, ୭ା୧୧(ସମିସ): ଗୁରୁବାର ୯ଟାରେ ରାଇରଙ୍ଗପୁର ମୁଖ୍ୟ ବଜାର ଗାନ୍ଧୀ ପାର୍କ ନିକଟରୁ ଛିଡ଼ା ହୋଇଥିବା ବାଇକ (ଓଡି ୧୧ଏଫ ୩୮୧୫)କୁ ଦୁର୍ବୃତ୍ତମାନେ ନେଇ ଯାଇ ଚମ୍ପଟ ମାରିଛନ୍ତି। ଟାଉନ ପୁଲିସ ଦୁର୍ବୃତ୍ତଙ୍କୁ ଘଉଡ଼ାଇଥିଲା। ଦୁର୍ବୃତ୍ତମାନେ ବହଳଦା ଦୁନ୍ଦୁ ରାସ୍ତା ଦେଇ ଝାରଖଣ୍ଡ ରାଜ୍ୟ ଅଞ୍ଚଳକୁ ଖସି ପଳାଇଥିଲେ। ପରବର୍ତ୍ତୀ ସମୟ ଗାଡିମାଲିକ ଘଟଣାକୁ ନେଇ ରାଇରଙ୍ଗପୁର ଟାଉନ ଥାନାରେ ଲିଖିତ ଏତଲା ଦେଇଥିବା ସୂଚନା ମିଳିଛି।

## ନାବାଳିକା ଅନ୍ତଃସତ୍ତ୍ୱା ମାମଲା: ଅଭିଯୁକ୍ତ କୋର୍ଟ ଚାଲାଣ

ମହୁଲଡିହା, ୭ା୧୧(ସମିସ): ଠାକୁରମୁଣ୍ଡା ଥାନା ସାଲେଇବେଡ଼ା ଅଞ୍ଚଳର ଜଣେ ନାବାଳିକାକୁ ଅନ୍ତଃସତ୍ତ୍ୱା କରିଥିବା ଘଟଣାରେ ଅଭିଯୁକ୍ତକୁ ପୁଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ସହମତିରେ



ଯୁବକ ଜଣକ ବାଳିକା ସହିତ ସମ୍ପର୍କ ରଖିବା ପରେ ପରିବାର ଗ୍ରହଣ ନ କରିବାରୁ ଯୁବକ ବିବାହ କରି ନପାରି ଶେଷରେ ଦୁଷ୍କର୍ମ ମାମଲାରେ ଜେଲ୍ ଯାଇଛି। ଅଭିଯୁକ୍ତ ହେଉଛି ଏଦଲବେଡ଼ା ଗ୍ରାମର ଲେବେୟା ପୂର୍ତ୍ତି। ପୀଡ଼ିତା ବର୍ତ୍ତମାନ ୭ ମାସର ଅନ୍ତଃସତ୍ତ୍ୱା। ପୁଅର ବାପା ଘର ପରିବାର ବିବାହ ପାଇଁ ରାଜି ନ ହେବାରୁ ଝିଅର ପରିବାର ପକ୍ଷରୁ ଥାନାରେ ଏତଲା ଆଧାରରେ ପୁଲିସ ମାମଲା ରୁଜୁକରି ବୁଧବାର ପୂର୍ତ୍ତିକୁ କୋର୍ଟରେ ହାଜର କରିଥିଲା। ଜାମିନ ନାମଞ୍ଜୁର ହେବାରୁ ବାରିପଦା ମଣ୍ଡଳ କାରାଗାରକୁ ପଠାଇ ଦିଆଯାଇଛି।

# ସୂର୍ଯ୍ୟଙ୍କୁ ଅର୍ଘ୍ୟଦେଲେ ମହିଳା; ଆଜି ବ୍ରତ ଉଦ୍‌ଯାପନ



ବାରିପଦା/ରାଇରଙ୍ଗପୁର, ୭ା୧୧(ସମିସ): ପରିବାର ଲୋକଙ୍କ ସ୍ୱାସ୍ଥ୍ୟ ଓ ସମୃଦ୍ଧି କାମନା କରି ଆସ୍ଥାର ମହାପର୍ବ ଛଟ୍ ପର୍ବ ପାଳିତ ହୋଇଯାଇଛି। ପୂଜା ପାଇଁ ୩୬ ଘଣ୍ଟା ଧରି ନିର୍ଜଳା ବ୍ରତ ପାଳନକ୍ରମେ ଗୁରୁବାର ସନ୍ଧ୍ୟା ସମୟ ଅସ୍ତଗାମୀ ସୂର୍ଯ୍ୟଙ୍କୁ ଅର୍ଘ୍ୟ ଦେଇ ପୂଜାର୍ଚ୍ଚନା କରିଥିଲେ। ବାରିପଦାରେ ବିହାରୀ ସମ୍ପ୍ରଦାୟର ଲୋକେ ଆନନ୍ଦ ଉଲ୍ଲାସର ସହ ଛଟ୍ ପର୍ବ ପାଳନ କରିଛନ୍ତି। ଶ୍ରଦ୍ଧାଳୁମାନେ ପୋଡାଅସ୍ତିଆ, ବେଲଗଡ଼ିଆ ଆଦି ସ୍ଥାନରେ ବୁଢ଼ାବଳଙ୍ଗ ନଦୀକୂଳରେ ପହଞ୍ଚି ସୂର୍ଯ୍ୟଙ୍କୁ ଅର୍ଘ୍ୟ ପ୍ରଦାନ ପୂର୍ବକ ପୂଜାର୍ଚ୍ଚନା କରିଛନ୍ତି। ୩ ଦିନ ଧରି ପୂଜାର୍ଚ୍ଚନା ହେଉଥିବା ବେଳେ ଶୁକ୍ରବାର ଏହା ଶେଷ ହେବ। କାର୍ତ୍ତିକ ମାସ ଶୁକ୍ଳପକ୍ଷ ଷଷ୍ଠୀ ତିଥିରେ ଏହି ପର୍ବକୁ ହିନ୍ଦୁ ରୀତିନୀତି ଅନୁଯାୟୀ ପାଳନ ହୋଇଥାଏ। ଏହି ପର୍ବର ଶେଷ ଦିବସରେ ସମସ୍ତ ବିହାରୀ ସମ୍ପ୍ରଦାୟର ଲୋକେ ଭକ୍ତି ଭାବନାର ସହ ଉଦିତ ସୂର୍ଯ୍ୟଙ୍କୁ ଅର୍ଘ୍ୟ ସମର୍ପଣ କରି ସୂର୍ଯ୍ୟଙ୍କ ପୂଜାର୍ଚ୍ଚନା କରିଥାନ୍ତି। ଛଟ ପୂଜାକୁ ନେଇ ନଦୀ ଘାଟ, ସଂଯୋଗ ରାସ୍ତା, ପରିମଳ ବ୍ୟବସ୍ଥା ଆଦି ବାରିପଦା ପୌରପାଳିକା ପକ୍ଷରୁ କରାଯାଇଛି। ଯାହାକୁ ନେଇ ଛଟ ପୂଜା ପାଇଁ ଆସିଥିବା ଶ୍ରଦ୍ଧାଳୁ ମାନେ ନଗରପାଳ କୃଷ୍ଣାନନ୍ଦ ମହାନ୍ତି ଓ ସ୍ଥାନୀୟ ୱାର୍ଡ କାଉନସିଲରଙ୍କୁ ଧନ୍ୟବାଦ ଜଣାଇଛନ୍ତି।



ସେହିପରି ରାଇରଙ୍ଗପୁର ସହର ଖଡ଼ଖାଇ ନଦୀ ଉପକୂଳ ଘାଟରେ ଛଟ୍ ପୂଜା କମିଟି ପକ୍ଷରୁ ବିଗତ ପ୍ରାୟ ୩୪ ବର୍ଷରୁ ଅଧିକ ସମୟରୁ ଛଟ୍ ମହାପର୍ବ ପାଳନ କରାଯାଉଛି। ଭକ୍ତଙ୍କ ପ୍ରବଳ ସମାଗମ ମଧ୍ୟରେ ସନ୍ଧ୍ୟା ସମୟରେ ସୂର୍ଯ୍ୟ ପୂଜା କରି ଛଟ୍ ମହାପର୍ବ ପାଳନ କରାଯାଇଥିଲା। ଭକ୍ତି ଓ ଆସ୍ଥାର ମହାପର୍ବ ଛଟ୍ ପର୍ବକୁ ବିହାରୀ ସମ୍ପ୍ରଦାୟର ଲୋକ ମାନେ ୪ ଦିନ ଧରି ପାଳନ କରିଥାନ୍ତି। ପ୍ରଥମ ଦିନ ନାହାୟ ଖାଏ ଦିନ ନାଉ ଓ ଭାତ ଖାଇ ପୂଜା ଆରମ୍ଭ କରିଥିଲେ। ଦ୍ୱିତୀୟ ଦିନ ଖରନା କାର୍ଯ୍ୟକ୍ରମରେ ଖିରି ପୁରୀ ଖାଇ ପ୍ରସ୍ତୁତ କରି ସମସ୍ତ ପରିବାର ବର୍ଗ ସେବନ କରନ୍ତି। ଗୁରୁବାର ପରିବାରର ପୁରୁଷମାନେ ପୂଜା ସାମଗ୍ରୀ ମଧ୍ୟରେ କଦଳୀ କାନ୍ଦି, ନଡ଼ିଆ, ଆଖୁ ବାଡ଼ି, ଫଳ, ପିଠା ପଣାକୁ ମୁଣ୍ଡରେ ବୋହି ନଦୀକୁଳକୁ ନେଇ ଯାଇଥିଲେ। ତାଙ୍କ ସହ ବ୍ରତ ରଖିଥିବା ମହିଳାମାନେ ଖଡ଼ଖାଇ ନଦୀ ଘାଟରେ ଅସ୍ତଗାମୀ ସୂର୍ଯ୍ୟଙ୍କୁ ଅର୍ଘ୍ୟ ଦେଇ ପୂଜା କରିଥିଲେ। ଶୁକ୍ରବାର ବ୍ରତଧାରୀ ମହିଳାମାନେ ଛଟ୍ ମୈୟାଙ୍କୁ ପୂଜାର୍ଚ୍ଚନା ପରେ ଉଦୟଗାମୀ ସୂର୍ଯ୍ୟଙ୍କୁ ଅର୍ଘ୍ୟ ଦେଇ ନିର୍ଜଳା ବ୍ରତକୁ ସମ୍ପୂର୍ଣ୍ଣ କରିବେ।





ରାଇରଙ୍ଗପୁର ଛଟ୍ ପୂଜା କମିଟି ପକ୍ଷରୁ ଶ୍ରଦ୍ଧାଳୁଙ୍କ ପାଇଁ ସମସ୍ତ ପ୍ରକାର ସୁବିଧା କରା ଯାଇଥିଲା। ଛଟ୍ ପୂଜା ଆୟୋଜନରେ କମିଟି ସଭାପତି ବିଜୟ କୁମାର ରାମ, ସମ୍ପାଦକ ରାଜେଶ ପ୍ରଜାପତି, ଉପସଭାପତି ଅବଧେଷ ମିଶ୍ର, ଲାଲବାବୁ ସାହୁ, ବିନୋଦ ଦାସ, କିଶୋର ରଜକ୍, ମଦନ ରଜକ୍, ଛୋଟୁ ଯାଦବ, ମୟୁର ଗୁପ୍ତା ଓ ଅନ୍ୟ ସଦସ୍ୟମାନେ ସହଯୋଗ କରିଛନ୍ତି।

**କରଞ୍ଜିଆ:** ଦେଓନଦୀକୂଳେ ବିହାରୀମାନେ ଉତ୍କଣ୍ଠାର ସହ ରୁଣ୍ଡ ହୋଇ ଅସ୍ତଗାମୀ ସୂର୍ଯ୍ୟଙ୍କୁ ଅର୍ଘ୍ୟ ପ୍ରଦାନ କରିଥିଲେ। ବ୍ରତଧାରୀମାନେ ଆସନ୍ତାକାଲି





ଉଦୟଗାମୀ ସୂର୍ଯ୍ୟଙ୍କୁ ଅର୍ଘ୍ୟ ପ୍ରଦାନ କରିବେ ବୋଲି ଛୋଟ ପାଳନ କମିଟିର ସଭାପତି ନାରାୟଣ ସାଓସୋନାର ପ୍ରକାଶ କରିଛନ୍ତି। କାର୍ଯ୍ୟକ୍ରମକୁ ମୁନା ସାହୁ, ରଞ୍ଜିତ ସାହୁ, ବିନୋଦ ସାହୁ, ନନ୍ଦୁ ଗୁପ୍ତା, ରାଜେଶ ସାହୁ, ନଗେନ୍ଦ୍ର ସିଂ, ମନୋଜ ପ୍ରମୁଖ ପରିଚାଳନା କରିଥିଲେ।

## ଛଟ୍ ପୂଜା ପାଇଁ ନଦୀଘାଟରେ ସମାଗମ

# ଅସ୍ତଗାମୀ ଓ ଉଦିତ ସୂର୍ଯ୍ୟଙ୍କୁ ଅର୍ଘ୍ୟ ପ୍ରଦାନ

ଯୋଡା,୭।୧୧(ସମିସ)

ଯୋଡା ପୌରାଞ୍ଚଳର ବିଭିନ୍ନ ସ୍ଥାନରେ ଛଟ୍ ପର୍ବ ପାଳିତ ହୋଇଯାଇଛି। ଏହି ପର୍ବ କାର୍ତ୍ତିକ ମାସ ଶୁକ୍ଳ ପକ୍ଷ ଷଷ୍ଠୀ ଦିବସରେ ଉଦ୍‌ଯାପିତ ହୋଇଥାଏ। ଏହା ପୂର୍ବରୁ ୪ଦିନ ଧରି ଏହି ଉତ୍ସବ ପାଳିତ ହୋଇଥାଏ। ଏଥିରେ ନିର୍ଜଳା ଉପବାସ ରହି ପବିତ୍ର ସ୍ନାନ, ଦୀର୍ଘ ସମୟ ଧରି ଜଳ ମଧ୍ୟରେ ଠିଆ ହୋଇ ସକଳ ଶକ୍ତିର ଆଧାର ସୂର୍ଯ୍ୟ ଦେବଙ୍କୁ ଅର୍ଘ୍ୟ ପ୍ରଦାନ କରାଯାଇଥାଏ। ଅସ୍ତଗାମୀ ଏବଂ ଉଦିତ ସୂର୍ଯ୍ୟଙ୍କୁ ଉପାସନା କରାଯିବା ସହିତ ପ୍ରକୃତି, ଜଳ, ବାୟୁ ଏବଂ ସେମାନଙ୍କ ଭଉଣୀ ଛଟ୍ ମାତାଙ୍କୁ ଏଥିରେ ଅର୍ଘ୍ୟ ସମର୍ପଣ କରାଯାଇଥାଏ। ଏହି ପର୍ବ ସାଧାରଣତଃ ବିହାର, ଝାଡଖଣ୍ଡ, ଉତ୍ତରପ୍ରଦେଶ, ଛତିଶଗଡ ପ୍ରଭୃତି ଅଞ୍ଚଳରେ ବିହାରୀ ସମ୍ପ୍ରଦାୟଙ୍କ ମଧ୍ୟରେ ଖୁବ୍ ଧୁମ୍‌ଧାମରେ ପାଳନ କରାଯାଇଥାଏ। ଏହି ପର୍ବଟିକୁ ବିହାରୀ ସମ୍ପ୍ରଦାୟର ସବୁଠାରୁ ବଡ ପର୍ବ ଭାବେ ବିବେଚନା କରାଯାଏ। ଏଥିରେ ସେମାନଙ୍କ ସଂସ୍କୃତି, ଐତିହ୍ୟ, ପରମ୍ପରାର ବିଶେଷ ଝଲକ ଦେଖିବାକୁ ମିଳିଥାଏ। ଯୋଡା ସହରର ବିଭିନ୍ନ ସ୍ଥାନରେ ଏହି ବିହାରୀ ସମ୍ପ୍ରଦାୟର ମହିଳାମାନେ ବହୁ ସଂଖ୍ୟାରେ ମୁଣ୍ଡରେ ପୂଜା ସାମଗ୍ରୀ ବୋହି ଗୁରୁବାର ସନ୍ଧ୍ୟାରେ ସୁନା ନଦୀରେ ଅସ୍ତଗାମୀ





ସୂର୍ଯ୍ୟ ଏବଂ ଶୁକ୍ରବାର ସକାଳେ ଉଦିତ ସୂର୍ଯ୍ୟଙ୍କୁ ଅର୍ଘ୍ୟ ଅର୍ପଣ କରିବା ସହ ବ୍ରତ ଉଦ୍‌ଯାପନ କରିଛନ୍ତି। ଏହି ବିହାରୀ ସମ୍ପ୍ରଦାୟଙ୍କ ସହିତ ଏବେ ଓଡ଼ିଆମାନେ ମଧ୍ୟ ଏହାକୁ ବଡ଼ ଆଡମ୍ବର ସହକାରେ ପାଳନ କରୁଥିବା ଦେଖିବାକୁ ମିଳିଛି। ଯୋଡ଼ା ପୌରାଞ୍ଚଳର ପଶ୍ଚିମ ଯୋଡ଼ା, ଜିଓଲୋଜିକାଲ କ୍ୟାମ୍ପ ପାଖ ସୁନା ନଦୀ ତଟରେ ଏହି ଉତ୍ସବ ପାଳନ କରାଯାଇଛି। ବନାରସ ଅସ୍ତି ଘାଟର ବ୍ରାହ୍ମଣମାନଙ୍କ ଦ୍ୱାରା ଗଙ୍ଗା ଆଳତି କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି। ଗୁରୁବାର ସନ୍ଧ୍ୟା କାର୍ଯ୍ୟକ୍ରମରେ ତେଲକୋଇର ବିଧାୟକ ଡା. ଫକୀର ମୋହନ ନାଏକ, ଯୋଡ଼ା ପୌରାଧକ୍ଷ ଡା. ଜଗଦୀଶ ପ୍ରସାଦ ସାହୁ, ଯୋଡ଼ା ଟ୍ରକ ମାଲିକ ସଂଘର ସମ୍ପାଦକ ସୁଶାନ୍ତ କୁମାର ବାରିକ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିବା ଜଣାପଡିଛି। ଗୁରୁବାର ସନ୍ଧ୍ୟାରେ ଅସ୍ତଗାମୀ ସୂର୍ଯ୍ୟଙ୍କୁ ଅର୍ଘ୍ୟ ଅର୍ପଣ କରାଯିବା ସହ ଗଙ୍ଗା ଆଳତି ଅନୁଷ୍ଠିତ ହୋଇଥିବା ବେଳେ ଶୁକ୍ରବାର ସକାଳ ୫ଟାରେ ଉଦିତ ସୂର୍ଯ୍ୟଙ୍କୁ ଅର୍ଘ୍ୟ ଅର୍ପଣ ସହ ଗଙ୍ଗା ଆଳତି ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ରହିଛି। ଏହା ସହିତ ଯୋଡାସ୍ଥିତ ସ୍ୱର୍ଗଦ୍ୱାର ନିକଟ ସୁନାନଦୀ, ସାଇମନ୍ଦିର ନିକଟ ମୂର୍ତ୍ତି ବିସର୍ଜନ ଘାଟରେ ଏହା ପାଳନ କରାଯାଉଥିବା ଦେଖିବାକୁ ମିଳିଛି। ମହିଳାମାନଙ୍କ ସହିତ ପୁରୁଷମାନେ ମଧ୍ୟ ବିଶେଷ ଭାବେ ସହଯୋଗ କରିଥିବା ଦେଖିବାକୁ ମିଳିଛି। ମହିଳାମାନେ ୪ଦିନ ବ୍ୟାପି ଏହାକୁ ନିଷ୍ଠାର ସହ ପାଳନ କରିଥିବା ବେଳେ ପରିବାର ଲୋକେ ନୂତନ ବସ୍ତ୍ର ପରିଧାନ କରି ପୂଜା ଅର୍ଚ୍ଚନାରେ ଭାଗ ନେବା ସହ ପ୍ରକୃତି ମାତାର ସାନିଧ୍ୟ ଉପଭୋଗ କରିଥିବା ଦେଖିବାକୁ ମିଳିଛି।

# ବୈତରଣୀ ଘାଟରେ ଛଟ୍ ପୂଜା

ଡୁବୁରୁମୁଙ୍ଗା,୭।୧୧(ସମିସ)

କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ ଚେମେଣା ଗ୍ରାମରେ ରହୁଥିବା ବିହାରୀ ସମ୍ପ୍ରଦାୟର ଲୋକେ ଛଟ୍ ପୂଜାକୁ ଧୁମଧାମରେ ପାଳନ କରୁଛନ୍ତି। ଚଳିତ ବର୍ଷ ଏହି ଆସ୍ଥା ଓ ବିଶ୍ୱାସର ଛଟ ପର୍ବ ୪ ଦିନ ଧରି ପାଳନ ହେଉଥିବା ବେଳେ ସୋମବାର ଠାରୁ ଏହି ପର୍ବ ଆରମ୍ଭ ହୋଇଛି। ନିର୍ଜଳା ଉପବାସ କରି ଅସ୍ତଗାମୀ ସୂର୍ଯ୍ୟ, ଉଦୟଗାମୀ ସୂର୍ଯ୍ୟଙ୍କୁ ଏଠାରେ ରହିଥିବା ବିହାରୀ ସମ୍ପ୍ରଦାୟର ଲୋକେ ପୂଜାର୍ଚ୍ଚନା କରିଛନ୍ତି। ଗୁରୁବାର ତୃତୀୟ ଦିନରେ ବ୍ରତଧାରୀ ଚେମେଣାରୁ ଏକ ବିରାଟ ପଟୁଆ ରାଜନଗରସ୍ଥିତ ବୈତ୍ରଣୀ ନଦୀର ଶବ୍ୟା କାବେରୀ ପୀଠକୁ ଯାଇ ଅସ୍ତଗାମୀ ସୂର୍ଯ୍ୟଙ୍କୁ ପୂଜା କରି ଅର୍ଘ୍ୟ ଦେଇଛନ୍ତି। ଶୁକ୍ରବାର ଭୋରରୁ ମଧ୍ୟ ସୂର୍ଯ୍ୟୋଦୟ ପୂର୍ବରୁ ବ୍ରତଧାରୀମାନେ ସ୍ନାନ ସାରି ଉଦୟଗାମୀ ସୂର୍ଯ୍ୟଙ୍କୁ ପୂଜା କରି ପରିବାର ପାଇଁ ଶୁଭ ମନାସିବେ। ବିଶ୍ୱାସ ରହିଛି ଉପବାସ କରି ସୂର୍ଯ୍ୟଦେବଙ୍କୁ ପୂଜାର୍ଚ୍ଚନା କଲେ ମନସ୍କାମନା ପୂରଣ ହୋଇଥାଏ। ଏଠାରେ ରହୁଥିବା ବିହାରୀ ସମ୍ପ୍ରଦାୟର ଲୋକେ ପ୍ରତି ବର୍ଷ ରାଜନଗର ବୈତରଣୀ ନଦୀ କୂଳରେ ସୂର୍ଯ୍ୟଙ୍କୁ



ଅର୍ଘ୍ୟ ଦେବା ସହ ପରିବାରର ଲୋକଙ୍କ ଶୁଭକାମନା କରିଛନ୍ତି। ପୂଜକ ଭାବରେ ସୁଧାଂଶୁ ଶେଖର ଚକ୍ରବର୍ତ୍ତୀ ପୂଜା ଅର୍ଚ୍ଚନା କରିଥିବା ବେଳେ ଚେମେଣା ଗ୍ରାମର ନରେନ୍ଦ୍ର ପ୍ରସାଦ, ସୁରେନ୍ଦ୍ର ପ୍ରସାଦ, ବିରେନ୍ଦ୍ର ପ୍ରସାଦ, ସତେନ୍ଦ୍ର ପ୍ରସାଦ, ଅନିଲ ପ୍ରସାଦଙ୍କ ପରିବାର ଲୋକେ ଏହି ଛଟ୍ ପୂଜା କରି ସୂର୍ଯ୍ୟଙ୍କୁ ଅର୍ଘ୍ୟ ଦେଇ ପୂଜାର୍ଚ୍ଚନା କରି ନିଜ ପରିବାର ଲୋକଙ୍କ ଶୁଭ ମନାସିଛନ୍ତି।

## ଆଦର୍ଶ ଅଙ୍ଗନବାଡ଼ି କେନ୍ଦ୍ରର ଅନିୟମିତତା

# ଜିଲ୍ଲାପାଳ, ଡିଏସ୍‌ଡବ୍ଲ୍ୟୁଓ, ବିଡିଓ, ସିଡିପିଓଙ୍କୁ ଅଭିଯୋଗପତ୍ର



**ବେତନଟୀ/ବୈଶିଙ୍ଗା, ୭।୧୧(ସମିସ):** ବେତନଟୀ ବ୍ଲକ ନଡପୁର ପଞ୍ଚାୟତ ଟିକରଗଡିଆ ଗ୍ରାମରେ ଥିବା ଆଦର୍ଶ ଅଙ୍ଗନବାଡ଼ିକେନ୍ଦ୍ରରେ ଚାଲିଥିବା ବ୍ୟାପକ ଅନିୟମିତତା ଏବଂ ଦୁର୍ନୀତି ସାଙ୍ଗକୁ କାର୍ଯ୍ୟରତ କର୍ମୀଙ୍କ ଚରମ ଅବହେଳା ଅଭିଯୋଗ ଉପରେ କାର୍ଯ୍ୟାନୁଷ୍ଠାନ ହେଉ ନଥିବାରୁ ଗ୍ରାମବାସୀ ଜିଲ୍ଲାପାଳଙ୍କଠାରୁ ଆରମ୍ଭକରି ଡିଏସଡବ୍ଲ୍ୟୁଓ, ବ୍ଲକ ଅଧ୍ୟକ୍ଷା, ବିଡିଓ ଏବଂ ସିଡିପିଓଙ୍କୁ ସାକ୍ଷାତକରି ଲିଖିତ ଅଭିଯୋଗ ପ୍ରଦାନ କରିଛନ୍ତି। ସମ୍ପୃକ୍ତ ଅଙ୍ଗନବାଡ଼ି କର୍ମୀ ସୁହାସିନୀ ସୋରେନ ମନମୁଖୀ କାର୍ଯ୍ୟ କରିବା ସହ ଖାଦ୍ୟ ସାମଗ୍ରୀଠାରୁ ଆରମ୍ଭ କରି ଅନ୍ୟାନ୍ୟ କାର୍ଯ୍ୟରେ ହେର୍‌ଫେର କରୁଥିବା ଅଭିଯୋଗ ହୋଇଛି। ମାସକୁ ୧୫ ଦିନ ଉକ୍ତ କେନ୍ଦ୍ରକୁ ବନ୍ଦ କରିବା ସହ ଖାଦ୍ୟ ନାହିଁ କହି ମହିଳା ଓ ଗର୍ଭବତୀଙ୍କୁ ଫେରାଇ ଦେଉଛନ୍ତି। ଏହାସହ କିଶୋରୀ ବାଳିକା, ଶିଶୁମାନେ ମଧ୍ୟ ବର୍ଷ ବର୍ଷ ଧରି ଉକ୍ତ ଅଙ୍ଗନବାଡ଼ି କେନ୍ଦ୍ରରୁ ପୁଷ୍ଟିକର ଖାଦ୍ୟ ପାଇବାରୁ ବଞ୍ଚିତ ରହିଛନ୍ତି। ଖାଦ୍ୟ ସାମଗ୍ରୀର ବାଟମାରଣା କରୁଥିବାର ପ୍ରମାଣ ମଧ୍ୟ ଗ୍ରାମବାସୀ ବିଭାଗୀୟ ଅଧିକାରୀଙ୍କୁ ପ୍ରଦାନ କରିଛନ୍ତି। ଅବହେଳା ଏବଂ ଦୁର୍ନୀତି ବିରୋଧରେ ସରପଞ୍ଚଙ୍କ ହସ୍ତକ୍ଷେପରେ ପୂର୍ବରୁ ଏକାଧିକ ବୈଠକ ବସିବା ସହ ଏଭଳି ଭୁଲର ପୁନରାବୃତ୍ତି ନହେବା ବାବଦରେ ମଧ୍ୟ ଲେଖାପଢା ହୋଇଛି। ମାତ୍ର ଏଥିରେ ସୁଧାର ଆସୁ ନଥିବାରୁ ତ୍ୱରିତ ପଦକ୍ଷେପ ପାଇଁ ଗ୍ରାମବାସୀ ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଛନ୍ତି।

# କୁଳିଅଣା ପୁଲିସ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବିକଲା ମାରିସା



**ବାରିପଦା, ୭ ।୧୧(ସମିସ):** ମାସ୍ ଆଦିବାସୀ ରିଭୋଲ୍ୟୁସନାରୀ ୟୁଥ୍ ଆଣ୍ଡ ଷ୍ଟୁଡେଣ୍ଟ ଆସୋସିଏସନ୍ (ମାରିସା)ର ରାଜ୍ୟ ସଭାପତି ଅର୍ଜୁନ ମୁର୍ମୁଙ୍କ ନେତୃତ୍ୱରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ ଆରକ୍ଷୀ ଅଧୀକ୍ଷକ ମୟୂରଭଞ୍ଜଙ୍କୁ ପୃଥକ ଦାବିପତ୍ର ପ୍ରଦାନ କରାଯାଇଛି। କୁଳିଅଣା ଥାନାଧିକାରୀଙ୍କୁ ତୁରନ୍ତ ଯୁଦ୍ଧକାଳୀନ ଭିତ୍ତିରେ ବଦଳି କିମ୍ବା ନିଲମ୍ବନ ସହ ବଡ଼ ନାଏକଙ୍କୁ ମାଡ଼ ଘଟଣାରେ ଦୃଢ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ପାଇଁ ମାରିସା ପକ୍ଷରୁ ଦାବି କରାଯାଇଛି। ଏହାର ବ୍ୟତିକ୍ରମ ଘଟିଲେ ମାରିସା ବାଧହୋଇ ଗଣତାନ୍ତ୍ରିକ ପଦ୍ଧତିରେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବ ବୋଲି ରାଜ୍ୟ ସଭାପତି ଅର୍ଜୁନ ମୁର୍ମୁ ଦୃଢ଼ ଚେତାବନୀ ଦେଇଛନ୍ତି। ସୂଚନାଯୋଗ୍ୟ, ସୋମବାର ସନ୍ଧ୍ୟା ସମୟରେ କୁଳିଅଣା ଥାନା ଅନ୍ତର୍ଗତ ପାତିହିଞ୍ଜା ଗ୍ରାମର ଆଦିବାସୀ ବ୍ୟକ୍ତି ବଡ଼ ନାଏକ ନିଜର ୩ ବର୍ଷର ଅସୁସ୍ଥ ଶିଶୁକନ୍ୟାକୁ ଡାକ୍ତରଖାନା ନେବା ପାଇଁ ୧୦୮ ଆମ୍ବୁଲାନ୍ସ ପାଇବାରେ ନିରାଶ ହୋଇଥିଲେ। ଅପେକ୍ଷା ନକରି କାନ୍ଧରେ କାନ୍ଧେଇ ୩ କିମି ଚାଲିଚାଲି କୁଳିଅଣା ପହଞ୍ଚିଥିଲେ। ସେହିସମୟ ଭିତରେ ଆମ୍ବୁଲାନ୍ସ ନପହଞ୍ଚିବାରୁ ପ୍ରତିବାଦ ସ୍ୱରୂପ କୁଳିଅଣା ବଜାର ଓଭରବ୍ରିଜରେ ୧୮ ନଂ ଜାତୀୟ ରାଜପଥ ଉପରେ ଛିଡ଼ା ହୋଇ ରାସ୍ତା ଅବରୋଧ କରିଥିଲେ। କୁଳିଅଣା ପୁଲିସ୍ ସେଠାରେ ସର୍ବସାଧାରଣ ସମ୍ମୁଖରେ ବଡ଼ ନାୟକଙ୍କୁ ଲାଠିରେ ପ୍ରବଳ ମାଡ଼ ମାରି ସେଠାରୁ ହଟାଇଥିଲା। ଘଟଣାର ଭିଡିଓ ସୋସିଆଲ ମିଡିଆରେ ପ୍ରଘଟ ହେବାରୁ ଜନସାଧାରଣଙ୍କ ଦ୍ୱାରା ଏହାର ତୀବ୍ର ନିନ୍ଦା କରାଯାଇଛି। ଏପରି ଏକ ସମ୍ବେଦନଶୀଳ ଘଟଣାରେ ଜିଲ୍ଲା ପ୍ରଶାସନ କାର୍ଯ୍ୟାନୁଷ୍ଠାନ ନେବାକୁ ଅନୁଷ୍ଠାନ ପକ୍ଷରୁ ଦାବି କରାଯାଇଛି।

# ଅନାଥ ବାଳିକାଙ୍କୁ ମିଳିଲା ପିଏମ ଜୀବନଜ୍ୟୋତି ବୀମା ରାଶି

**କରଞ୍ଜିଆ, ୭।୧୧(ସମିସ):** କେନ୍ଦ୍ର ସରକାରଙ୍କ ପ୍ରଧାନମନ୍ତ୍ରୀ ଜୀବନଜ୍ୟୋତି ବୀମା ଯୋଜନାରେ କେନ୍ଦୁଝର ଜିଲ୍ଲା ପିପିଳିଆ ଗ୍ରାମର ଜୟକୃଷ୍ଣ ମହାନ୍ତଙ୍କ ମୃତ୍ୟୁ ପରେ ସ୍ତ୍ରୀ ଟିକିଲିଙ୍କ ଝିଅ ଜୟପ୍ରଭାକୁ ବୀମା ରାଶି ଉପଲବଧ କରାଯାଇଛି। ଠାକୁରମୁଣ୍ଡା ବ୍ଲକ ପଡ଼ିଆବେଡାସ୍ଥିତ ଦ୍ରୌପଦୀ ବାଳିକା ଉଚ୍ଚ ବିଦ୍ୟାଳୟର ହଷ୍ଟେଲରେ ରହି ପାଠ ପଢ଼ାଉଥିଲେ। ଏଥିସହ କରଞ୍ଜିଆସ୍ଥ ଭାରତୀୟ ଷ୍ଟେଟବ୍ୟାଙ୍କ ଶାଖାରେ ଗତ ୬.୫.୨୩ରେ ୪୩୬ଟଙ୍କା ଜମା କରି ପ୍ରଧାନମନ୍ତ୍ରୀ ଜୀବନଜ୍ୟୋତି ବୀମା ଯୋଜନାର ପଲିସି କ୍ରୟ କରିଥିଲେ। ୨୫.୬.୨୩ରେ ଟିକିଲି ମହାନ୍ତଙ୍କ ମୃତ୍ୟୁ ହୋଇଯିବା ପରେ ଝିଅ ଜୟପ୍ରଭା ଅନାଥ ହୋଇଯାଇଥିଲେ। ଜୟପ୍ରଭା ଆର୍ଥିକ ଅନଟନ ସହ ସଂଗ୍ରାମ କରୁଥିବା ବେଳେ ମାଆଙ୍କ ଦ୍ୱାରା କ୍ରୟ ପଲିସିର ସହାୟତା ସମ୍ବନ୍ଧରେ ଏସବିଆଇ ପକ୍ଷରୁ ସୂଚନା ଦିଆଯାଇଥିଲା। ପଲିସିର ଉତ୍ତରାଧିକାରୀ ଭାବେ ଆଜି ଜୟପ୍ରଭାକୁ ବ୍ୟାଙ୍କର ସହକାରୀ ପ୍ରବନ୍ଧକ ପ୍ରତିଭା ଭଟାଚାର୍ଯ୍ୟ, ସ୍ୱତନ୍ତ୍ର ସହକାରୀ ମନୋଜ



କୁମାର ପୃଷ୍ଟି ଏବଂ ବରିଷ୍ଠ ସହାୟକ ସୁବାସଚନ୍ଦ୍ର ହାଁସଦା ଏସବିଆଇ ଲାଇଫ ଦ୍ୱାରା ପ୍ରଦତ୍ତ ୨ଲକ୍ଷ ଟଙ୍କାର ଚେକ ପ୍ରଦାନ କରିଥିଲେ।

## ଫୁଲଝରୀ ଓ ଦଲକି ଜଙ୍ଗଲରେ ୫ ଦିନହେଲା ଝାଡ଼ଖଣ୍ଡୀ ହାତୀପଲ

# ଅମଳକ୍ଷମ ଧାନର ବାସ୍ନା, ଜଳାଶୟ ଛାଡ଼ିବାକୁ ନାରାଜ

**ବୈଶିଙ୍ଗା, ୭।୧୧(ସମିସ):** ୧୮ ନଂ ଜାତୀୟରାଜପଥ ଏବଂ ରୂପ୍ସା-ବାଙ୍ଗିରିପୋଷି ରେଳପଥ ଅତିକ୍ରମର କରି ବୈସିଙ୍ଗାଥାନା ତଥା ବେତନଟୀ ରେଞ୍ଜ ଫୁଲଝରୀ, ଦଲକି ଜଙ୍ଗଲକୁ ପଶି ଆସିଥିବା ଝାଡ଼ଖଣ୍ଡୀ ହାତୀ ପଲ ଆଜିକୁ ୫ ଦିନ ହେଲା ଛାଡୁନାହାନ୍ତି। ଜଙ୍ଗଲ ସଂଲଗ୍ନ ଚାଷଜମିରେ ବ୍ୟାପକ ଅମଳକ୍ଷମ ଫସଲ ଖାଇବା ସହ ନଷ୍ଟ କରୁଥିବାରୁ ଚାଷୀ ହଇରାଣ ହେଉଛନ୍ତି। ଗୋଟିଏ ନିର୍ଦ୍ଦିଷ୍ଟ ଅଞ୍ଚଳରେ ବଢ଼ିଚାଲିଥିବା କ୍ଷୟକ୍ଷତିକୁ ନେଇ ଜନଅସନ୍ତୋଷ ମଧ୍ୟ ବଢ଼ିବାରେ ଲାଗିଛି। ଗତସପ୍ତାହର ଶେଷଭାଗକୁ ଦାନ୍ତିଆମୁହାଁ-ଚିତ୍ରଡା ରାଜପଥ ଅତିକ୍ରମ କରି ବେତନଟୀ ରେଞ୍ଜରେ ପ୍ରବେଶ କରିଥିବା ବିଶାଳ ଝାଡଖଣ୍ଡୀ ହାତୀପଲ ଏବେ ନଡପୁର ଉପକଣ୍ଠ ଫୁଲଝରୀ ଏବଂ ଦଲକି ଜଙ୍ଗଲରେ ଡେରା ପକାଇଛନ୍ତି। ଫୁଲଝରୀ ଏବଂ ଦଲକୀ ଜଙ୍ଗଲର



**ଚାଷୀ ଚିନ୍ତାଗ୍ରସ୍ତ, ବନ ବିଭାଗ ନାକେଦମ୍**

ଚତୁପାର୍ଶ୍ୱରେ ପର୍ଯ୍ୟାପ୍ତ ଧାନଫସଲ ମହଜୁଦ ଥିବା ଏବଂ ଅଞ୍ଚଳରେ ପାଖାପାଖି ୨୦ଟି ଛୁଆହାତୀ ରହିଥିବାରୁ ଦଳ ଆଗକୁ ବଢୁନଥିବା ବନବିଭାଗ ଅନୁମାନ କରୁଛି। ଧାନକ୍ଷେତରେ ରାତିତମାମ ବିଚରଣ କରି ଭୋର ସମୟରେ ଜଙ୍ଗଲକୁ ପ୍ରତ୍ୟାବର୍ତ୍ତନ କରୁଛନ୍ତି। ହାତୀପଲ ଏବଂ ହାତୀଶାବକ ଧାନର ବାସ୍ନା ପାଇଁ ସେଠାରୁ ଯାଉନାହାନ୍ତି। ଏକାଧିକ ଜଳାଶୟ ମଧ୍ୟ ରହିଥିବାରୁ ଅନୁକୂଳ ସ୍ଥିତି ହାତୀପଲକୁ ବେଶ୍ ସୁହାଉଛି। ତେବେ ବନବିଭାଗର ଏକାଧିକ ଟିମ ହାତୀପଲ ଉପରେ ନଜର ରଖିବାକୁ ଘଟଣାସ୍ଥଳରେ ରାତିତମାମ ସଜାଗ ରହୁଥିବା ସତ୍ତ୍ୱେ ହାତୀପଲ ଆଗକୁ ବଢୁ ନଥିବା ସ୍ଥାନୀୟଚାଷୀ ଅଭିଯୋଗ କରୁଛନ୍ତି।

# ଭାଲୁ କାମୁଡ଼ାରେ ଜଣେ ଗୁରୁତର

● ଜଙ୍ଗଲ ମଧ୍ୟକୁ ନ ଯିବାକୁ ବନବିଭାଗର ଅପିଲ୍

କେନ୍ଦୁଝର,୭।୧୧(ସମିସ): କେନ୍ଦୁଝର ସଦର ରେଞ୍ଜ ଡିମ୍ବୋ ପଞ୍ଚାୟତ ଅନ୍ତର୍ଗତ ଧୁଡୁରୁପାଳ ଗାଁର ଜଣେ ବ୍ୟକ୍ତି ଭାଲୁ ଆକ୍ରମଣରେ ଗୁରୁତର ଆହତ ହୋଇଥିବା ଜଣାପଡିଛି। ଧୁଡୁରୁପାଳ ଗ୍ରାମର ବାଙ୍ଗୁରୁ ମୁଣ୍ଡା ଜଙ୍ଗଲକୁ ଛେଳି ଚରେଇ ଯାଇଥିବା ବେଳେ ଏକ ଭାଲୁ କାମୁଡାରେ ହାବୁଡ଼ରେ ପଡିଯାଇଥିଲେ। ଫଳରେ ଭାଲୁ କାମୁଡ଼ାରେ ସେ ଗୁରୁତର ଆହତ ହୋବରୁ ତାଙ୍କୁ ଡାକ୍ତରଖାନା ଭର୍ତ୍ତି କରାଯାଇଛି। ଅନ୍ୟପକ୍ଷରେ ଜଙ୍ଗଲୀ ଜୀବଜନ୍ତୁଙ୍କ ଆକ୍ରମଣରେ ଆହତଙ୍କ ସଂଖ୍ୟା ବୃଦ୍ଧି ପାଉଥିବାରୁ ବନବିଭାଗ ଚିନ୍ତିତ ହୋଇପଡ଼ିଛି। ତେଣୁ ବିନା ଜରୁରୀ କାରଣରେ ଜଙ୍ଗଲକୁ ନ ଯିବା ପାଇଁ ବନବିଭାଗ ଅନୁରୋଧ କରିଛି।

# ଖାଦ୍ୟ ଆୟୁକ୍ତ ଅଧ୍ୟକ୍ଷଙ୍କ ତେଲକୋଇ ଗସ୍ତ



ତେଲକୋଇ,୭।୧୧(ସମିସ): ରାଜ୍ୟ ଖାଦ୍ୟ ଆୟୁକ୍ତ ଅଧ୍ୟକ୍ଷ ଇଂ.ଅବନୀକାନ୍ତ ସାହୁ ଗୁରୁବାର କେନ୍ଦୁଝର ଜିଲ୍ଲାର ଉପାନ୍ତ ତେଲକୋଇ ବ୍ଲକ ଗସ୍ତ କରିଥିଲେ। ସେ ପ୍ରଥମେ ଦେଉଳଡିହାସ୍ଥିତ ରାଧାକୃଷ୍ଣ ଉଚ୍ଚ ବିଦ୍ୟାଳୟ ପରିଦର୍ଶନ କରିଥିଲେ। ପରେ ଜଟ ଉଚ୍ଚ ବିଦ୍ୟାଳୟ ଏବଂ ଓରିଆସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ପହଞ୍ଚି ମଧ୍ୟାହ୍ନ ଭୋଜନ କାର୍ଯ୍ୟକ୍ରମ ପରିଚାଳନା ଅନୁଧ୍ୟାନ କରିବା ସହିତ ମଧ୍ୟାହ୍ନ ଭୋଜନ ସମ୍ପର୍କରେ ଛାତ୍ରଛାତ୍ରୀଙ୍କ ସହିତ ଆଲୋଚନା କରିଥିଲେ। ଏହା ପରେ ବ୍ଲକ କାର୍ଯ୍ୟାଳୟ ପରିସରରେ ଭିନ୍ନକ୍ଷମଙ୍କୁ ହ୍ୱିଲ ଚେୟାର ପ୍ରଦାନ କରିଥିଲେ। ମଧ୍ୟାହ୍ନରେ ତେଲକୋଇ ପୂର୍ତ୍ତ ଡାକବଙ୍ଗଳାରେ ଗଣମାଧ୍ୟମ ପ୍ରତିନିଧିଙ୍କୁ ଗସ୍ତ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେବା ସହିତ କନ୍ଧମାଳରେ ଖାଦ୍ୟାଭାବରୁ ଆମ୍ବ ଟାକୁଆ ଖାଇ ଲୋକଙ୍କ ମୃତ୍ୟୁ ସମ୍ପର୍କରେ ଗଣମାଧ୍ୟମ ପ୍ରତିନିଧି ପ୍ରଶ୍ନ କରିବାରୁ ଆଗାମୀ ସପ୍ତାହରେ ସେ ଘଟଣାସ୍ଥଳକୁ ଯାଇ ସ୍ଥିତ ଅନୁଧ୍ୟାନ କରି ଏହାର ପ୍ରତିକାର ପାଇଁ ସରକାରଙ୍କୁ ଜଣାଇବେ ବୋଲି କହିଛନ୍ତି।

# କାଳୀପଡ଼ିଆରେ ଯାତ୍ରା ମାହୋଲ

**ବେଲବାହାଳି,୭।୧୧(ସମିସ):** ଆନନ୍ଦପୁର ବ୍ଲକ ବେଲବାହାଳି କାଳୀ ପୂଜା ଅବସରରେ ଯାତ୍ରା ମାହୋଲ ବେଶ ଜନଗହଳି ହୋଇଉଠୁଛି। ୬ ତାରିଖ ବୁଧବାର ଠାରୁ ଯାତ୍ରା "ସ୍ୱପ୍ନ ମହଲ' ଅପେରା ସୋ' ହାଉସଫୁଲରେ ଚାଲୁଥିବା ବେଳେ ମେଳାରେ ପ୍ରବଳ ଜନ ସମାଗମ ପରିଲକ୍ଷିତ ହୋଇଛି। କାଳୀ ପଡ଼ିଆରେ ସୁନାମଧନ୍ୟ କଳାକାରମାନଙ୍କୁ ମଞ୍ଚରେ ପ୍ରଦର୍ଶନ କରାଉଥିବାରୁ ଯାତ୍ରୀମାନଙ୍କ ମଧ୍ୟରେ ଭିଡ଼ ଲାଗିରହିଛି। ବେଲବାହାଳିର ପ୍ରସିଦ୍ଧ କାଳୀ ପୂଜା ମେଳା ଶୁକ୍ରବାରରୁ ଆରମ୍ଭ ହୋଇ ୮ମ ଦିନରେ ପହଞ୍ଚି ଥିବାବେଳେ ପୂଜା ମଣ୍ଡପର ସାଜସଜ୍ଜା ଓ ଅଲୋକମାଳା ସହିତ ଛୋଟବଡ଼ ଉଠା ଦୋକାନୀ ଯୋଗୁ ଦର୍ଶକମାନଙ୍କ ସମାଗମ ହୋଇଛି। ଅନ୍ୟପଟେ ୧୧ ତାରିଖଠାରୁ ୧୪ ତାରିଖ ପର୍ଯ୍ୟନ୍ତ ଯାତ୍ରା "ରଙ୍ଗ ତରଙ୍ଗ' ପରିବେଷଣ କରିବ ବୋଲି କମିଟି ପକ୍ଷରୁ ଜଣାଯାଇଛି। ମା' କାଳୀ ପୂଜା କମିଟିର ସଭାପତି ତାପସ କୁମାର ଜେନା, ସମ୍ପାଦକ ମୋହନ ଚରଣ ସାହୁ, ରଞ୍ଜନ ସାହୁ, ହେମନ୍ତ ମାଝୀ, ମାନସ ସାହୁ, ବାପୁନ ସାହୁ, ରାମଚନ୍ଦ୍ର ସାହୁ, ସିପୁ ସାହୁ,ଚିଲ ସାହୁ,ନିରଞ୍ଜନ ସାହୁ, ସନାତନ ସାହୁ, ଭୀମସେନ ସାହୁ, ଶଙ୍କର ସାହୁ, ହିମାଂଶୁ ସାହୁ, ମକରା ସାହୁ, ସଞ୍ଜୟ ସାହୁ ସମେତ ଯାତ୍ରା ପରିଚାଳନା କରିଥିଲେ।

# ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ତାଲିମ ଶିବିର

**କେନ୍ଦୁଝର,୭।୧୧(ସମିସ):** ସ୍ଥାନୀୟ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ କେନ୍ଦୁଝରଠାରେ ତ୍ରିଦିବସୀୟ ଉଚ୍ଚ ପ୍ରାଥମିକ ତାଲିମ ଶିବିରର ଉଦ୍‌ଘାଟିତ ହୋଇଯାଇଛି। ଉଦଘାଟନୀ ସଭାରେ ତେଲକୋଇ ବ୍ଲକ ଶିକ୍ଷା ଅଧିକାରୀ ସତ୍ୟନାରାୟଣ ମହାନ୍ତ ଏବଂ ଜିଲ୍ଲା ଶୈକ୍ଷିକ ସଂଯୋଗକ ସମଗ୍ର ଶିକ୍ଷା କେନ୍ଦୁଝରର ମାନସ ରଞ୍ଜନ ଦାଶ ଏହି ପ୍ରଶିକ୍ଷଣ ଶିବିରକୁ ଉଦ୍‌ଘାଟନ କରିଥିଲେ। ବିଭିନ୍ନ ବ୍ଲକରୁ ସର୍ବମୋଟ ୫୫ ଜଣ ପ୍ରଶିକ୍ଷାର୍ଥି ଏହି ଶିବିରରେ ଯୋଗଦାନ କରିଛନ୍ତି। ଜିଲ୍ଲାସ୍ତରୀୟ ପ୍ରଶିକ୍ଷକ ଭାବେ ଜିଲ୍ଲା ଶିକ୍ଷା ପ୍ରଶିକ୍ଷଣ ପ୍ରତିଷ୍ଠାନର ଶିକ୍ଷକ ପ୍ରଶିକ୍ଷକ ନରସିଂହ ମୁର୍ମୁ, ଶିକ୍ଷକ ବିଜୟ କୁମାର ମିଶ୍ର, ସତ୍ୟସୁନ୍ଦର ପରିଡା, କ୍ଷମାକର ବେହେରା, ବୀରେନ୍ଦ୍ର କୁମାର ସାହୁ, ସୌଭାଗ୍ୟ କୁମାର ଦାସ ପ୍ରମୁଖ ପ୍ରଶିକ୍ଷକ ଭାବେ ଯୋଗଦେଇ ତାଲିମ ପ୍ରଦାନ କରିବେ।

# ଥାନାରେ ମହିଳା ସଚେତନତା କାର୍ଯ୍ୟକ୍ରମ



**ତେଲକୋଇ,୭।୧୧(ସମିସ):** ତେଲକୋଇ ଥାନା ମହିଳା ଶିଶୁ ଡେସ୍କର ଅଭ୍ୟର୍ଥନା ଗୃହ ରେ ଗୁରୁବାର ତେଲକୋଇ ବ୍ଲକ ମୁଖ୍ୟାଳୟର ମହିଳାଙ୍କୁ ନେଇ ଆଇଆଇସି ସୁଶାନ୍ତ କୁମାର ପରିଡ଼ାଙ୍କ ଅଧ୍ୟକ୍ଷତାରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମହିଳାଙ୍କ ସାମାଜିକ ସୁରକ୍ଷାର ନୂଆ ନିୟମ ବିଷୟ ଉପରେ ଗୁରୁତ୍ୱପୂର୍ଣ୍ଣ ଆଲୋଚନା ହୋଇଛି। ତେଲକୋଇ ଥାନା ଅଞ୍ଚଳରେ ଦୈନିକ ସାଇବର ଅପରାଧ ବଢୁଥିବା ଏବଂ ସ୍ୱୟଂସହାୟକ ଗୋଷ୍ଠୀରୁ ଟଙ୍କା ହଡପ ଭଳି ଘଟଣା ସାମ୍ନାକୁ ଆସିଥିବା ନେଇ ମଧ୍ୟ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି।

# ପଥପ୍ରାନ୍ତ ସଚେତନତା କାର୍ଯ୍ୟକ୍ରମ



**ରାମଚନ୍ଦ୍ରପୁର,୭।୧୧(ସମିସ):** ରାମଚନ୍ଦ୍ରପୁର ପୁଲିସ ପକ୍ଷରୁ ପଥପ୍ରାନ୍ତରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏହି କ୍ରମରେ ଆଜି ବାତୋ ବଜାର ଅଞ୍ଚଳରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ରାମଚନ୍ଦ୍ରପୁର ଥାନା ଏସ୍ଆଇ ଶାନ୍ତନୁ କୁମାର ଜେନା, ସାଇଁକୁଳ ଫାଣ୍ଡି ଅଧିକାରୀ ସୁରେଶ ମାଝୀ ଉପସ୍ଥିତ ରହି ନୂତନ ପୁଲିସ ଆଇନ, ସାଇବର କ୍ରାଇମ୍ ଏବଂ ବାଲ୍ୟ ବିବାହ, ମହିଳା ନିର୍ଯାତନା ଭଳି କୁସଂସ୍କାର ବିରୋଧରେ ସ୍ୱର ଉତ୍ତୋଳନ କରିବାକୁ ବୁଦ୍ଧିଜୀବୀ ଏବଂ ସ୍ୱୟଂସହାୟକ ଗୋଷ୍ଠିର ମହିଳାମାନଙ୍କୁ ମାର୍ଗଦର୍ଶନ କରିଥିଲେ। ଏହି ସଚେତନତା କାର୍ଯ୍ୟକ୍ରମରେ ୧୦ରୁ ଊର୍ଦ୍ଧ୍ୱ ମହିଳା ଗୋଷ୍ଠୀର ସଦସ୍ୟ ଏବଂ ବାତୋ ଅଞ୍ଚଳର ଅନେକ ବୁଦ୍ଧିଜୀବୀ ସାମିଲ ହୋଇଥିଲେ।

## ୱେବ୍‌ଚ୍ୟାନେଲ ବିରୋଧରେ ଥାନାରେ ଅଭିଯୋଗ



**ହାଟଡ଼ିହୀ,୭।୧୧(ସମିସ):** ଏକ ୱେବ୍ ଚ୍ୟାନେଲରେ ସୁଧର୍ମା ମହାସଂଘର ମାର୍ଗ ଦର୍ଶକ ପଣ୍ଡିତ କାଶିନାଥ ମିଶ୍ରଙ୍କ ବିରୋଧରେ ମିଥ୍ୟା ଖବର ପରିବେଷଣ କରାଯାଇଛି। ଚାକିରି ପାଇଁ ଲକ୍ଷେ, ପୁଅ ପାଇଁ ୫୦ହଜାର, ବିବାହ ପାଇଁ ୨ଲକ୍ଷ ଟଙ୍କା ନେଉଥିବା ଓ ସେଠାକୁ ଯାଉଥିବା ମା' ଓ ଭାଇମାନଙ୍କ ଚରିତ୍ରକୁ ଆକ୍ଷେପ କରି ମିଥ୍ୟା ଖବର ପ୍ରସାରଣକୁ ନେଇ ସାରା ରାଜ୍ୟରେ ଅସନ୍ତୋଷ ଦେଖାଦେଇଛି। ସୁଧର୍ମା ମହାସଂଘର ବିଷ୍ଣୁପୁର ତାରିଣୀ ମଣ୍ଡଳ ଶାଖା ପକ୍ଷରୁ ଏହାର ତୀବ୍ର ବିରୋଧ କରାଯିବା ସହିତ ପ୍ରତିବାଦ ମଧ କରିଛନ୍ତି। ଏପରିକି ଏହାର ଉପଯୁକ୍ତ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରି ନନ୍ଦିପଦା ଥାନାରେ ଏକ ଅଭିଯୋଗ ପତ୍ର ପ୍ରଦାନ କରାଯାଇଛି।

## ୩ୟ ଓ ୫ମ ଶ୍ରେଣୀର ମେଧାବୃତ୍ତି ପରୀକ୍ଷା



**ସୋସୋ/ହାଟଡିହି, ୭।୧୧(ସମିସ):** କେନ୍ଦୁଝର ଜିଲ୍ଲା ହାଟଡିହୀ ବ୍ଲକର ବିଭିନ୍ନ ପରୀକ୍ଷା କେନ୍ଦ୍ରରେ ୩ୟ ଓ ୫ମ ଶ୍ରେଣୀ ମେଧାବୃତ୍ତି ପରୀକ୍ଷା ଅନୁଷ୍ଠିତ ହୋଇଯାଇଛି। ୩ୟ ଶ୍ରେଣୀ ବୃତ୍ତି ପରୀକ୍ଷାରେ ଶାଳଣୀଆଁ ୟୁପିଏସ୍ ପରୀକ୍ଷା କେନ୍ଦ୍ରରେ ୬୭ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିବାବେଳେ ୩ଜଣ ଅନୁପସ୍ଥିତ ରହିଥିଲେ। ସେହିପରି ହାଟଡିହୀ ୟୁପିଏସ୍‌ରେ ୮୦ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଛନ୍ତି। ସୋସୋ ୟୁପିଏସରେ ୫୧ ଜଣ ପରୀକ୍ଷା ଦେଇଥିବା ବେଳେ ୨ଜଣ ଅନୁପସ୍ଥିତ ରହିଥିଲେ। ବାଙ୍ଗୋର ୟୁପିଏସ୍‌ରେ ୫୨ ଜଣ ପରୀକ୍ଷା ଦେଇଥିବା ବେଳେ ୧୪ ଜଣ ଅନୁପସ୍ଥିତ ରହିଥିଲେ। ମରୈଗାଁ ହାଇସ୍କୁଲରେ ୫୬ ଜଣ ପରୀକ୍ଷା ଦେଇଥିବା ବେଳେ ଜଣେ ଅନୁପସ୍ଥିତ ରହିଥିଲେ। ରମ୍ପାସ ପ୍ରାଥମିକ ବିଦ୍ୟାଳରେ ୫୦ ଜଣ ପରୀକ୍ଷା ଦେଇଥିବାବେଳେ ୨ ଜଣ ଅନୁପସ୍ଥିତ ରହିଥିଲେ। ମୋଟ ୩୫୬ ଜଣ ପରୀକ୍ଷା ଦେଇଥିବାବେଳେ ୨୨ ଜଣ ଅନୁପସ୍ଥିତ ରହିଥିଲେ। ସେହିପରି ୫ମ ଶ୍ରେଣୀ ବୃତ୍ତି ପରୀକ୍ଷାରେ ହାଟଡିହୀ ହାଇସ୍କୁଲରେ ୧୪୯ ଜଣ ପରୀକ୍ଷାର୍ଥୀ ମଧ୍ୟରୁ ୧୩୩ ଜଣ ପରୀକ୍ଷା ଦେଇଥିଲେ। ଶାଳଣୀଆଁ ହାଇସ୍କୁଲରେ ୧୧୨ ଜଣଙ୍କ ମଧ୍ୟରୁ ୧୦୨ ଜଣ ପରୀକ୍ଷା ଦେଇଥିଲେ। ବାଲିବରେଇ ହାଇସ୍କୁଲରେ ୧୧୬ ଜଣଙ୍କ ମଧ୍ୟରୁ ୧୦୦ ଜଣ ଛାତ୍ରୀଛାତ୍ରୀ ପରୀକ୍ଷା ଦେଇଥିଲେ। ମୋଟ ୩୭୭ ଜଣ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୩୩୫ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିଲେ।

## ଚେତନା କେନ୍ଦ୍ରରେ ଚକ୍ଷୁ ପରୀକ୍ଷା ଶିବିର



**ହାଟଡିହୀ/ସୋସୋ,୭।୧୧(ସମିସ):** ହାଟଡିହୀ ବ୍ଲକ ହଦଗଡ଼ ପଞ୍ଚାୟତ ଅଧିନସ୍ଥ ଚେତନାକେନ୍ଦ୍ର ଠାରେ ସୋସୋ ବିବେକାନନ୍ଦ ଯୁବକ ସଙ୍ଘ ଆନୁକୂଲ୍ୟରେ ଭୂମିକା ହସ୍ପିଟାଲ ପକ୍ଷରୁ ମାଗଣା ଚକ୍ଷୁପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ଜିଲ୍ଲାପରିଷଦ ଉପାଧ୍ୟକ୍ଷ ସୋମନାଥ ଦାସ, ସମ୍ମାନିତ ଅତିଥିଭାବେ ହଦଗଡ଼ ସରପଞ୍ଚ ନିରୁପମା ନନ୍ଦି ଓ ଚେତନା କେନ୍ଦ୍ରର ମୁଖ୍ୟ ପରିଚାଳକ ବିଷ୍ଣୁପଦରାଜ ମହାନ୍ତି ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଭୂମିକା ହସ୍ପିଟାଲର ଡାକ୍ତର, ଷ୍ଟାଫନର୍ସ ଓ ଆଟେଣ୍ଡାଣ୍ଟମାନଙ୍କ ସହଯୋଗରେ ମୋଟ ୭୨ଜଣ ଚକ୍ଷୁରୋଗୀଙ୍କୁ ଚିହ୍ନଟ କରାଯାଇ ୧୦ଜଣଙ୍କୁ ଯାଜପୁର ସ୍ଥିତ ଭୂମିକା ହସ୍ପିଟାଲକୁ ପଠାଯାଇଛି। ଶିବିରଟି ଜୋନାଲ ହେଡ୍ କର୍ଣ୍ଣାଟ କିଶୋର ଜେନା ଓ ଭୂମିକାର ସ୍ୱାସ୍ଥ୍ୟ ଅଧିକାରୀ ରତିକାନ୍ତ ଖୁଣ୍ଟିଆଙ୍କ ଦ୍ୱାରା ପରିଚାଳିତ ହୋଇଥିଲା ବେଳେ ଏଥିରେ ବିବେକାନନ୍ଦ ଯୁବକ ସଂଘର ସଦସ୍ୟମାନେ ପୂର୍ଣ୍ଣମାତ୍ରାରେ ସହଯୋଗ କରିଥିଲେ।

## ଆନନ୍ଦପୁର ଓ ଘସିପୁରାରେ ଜମୁଛି କାଳୀପୂଜା

**ଆନନ୍ଦପୁର,୭।୧୧(ସମିସ):** ଆନନ୍ଦପୁର ଓ ଘସିପୁରାରେ କାଳୀପୂଜା ଜନଗହଳି ମଧ୍ୟରେ ଚାଲିଥିବା ବେଳେ ଆନନ୍ଦପୁରରେ ଷଷ୍ଠ ସାଂସ୍କୃତିକ ସଂଧ୍ୟା ବେଶ୍ ଆକର୍ଷଣୀୟ ହୋଇଥିଲା। କଟକର ମେଲୋଡି ସଂଗୀତ ମହ୍ଲାର ଓ ହାର୍ଟବିଟ୍ ଡ୍ୟାନସ୍ ଗ୍ରୁପ କଳାକାରମାନଙ୍କ ମନଛୁଆଁ ସଂଗୀତ ଏବଂ ଘସିପୁରା କାଳୀପୂଜା ସାଂସ୍କୃତିକ ମଣ୍ଡପରେ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ବେଶ୍ ମନଛୁଆଁ ହୋଇଥିଲା। ଆନନ୍ଦପୁର ସାର୍ବଜନୀନ ପୂଜା କମିଟି କର୍ମକର୍ତ୍ତାମାନଙ୍କ ସହଯୋଗରେ ମେଲୋଡି କଳାକାରମାନଙ୍କ ଦ୍ୱାରା ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଏହି ଅବସରରେ ମେଲୋଡି ଗ୍ରୁପର ସଂଯୋଜକ ଓ କଣ୍ଠଶିଳ୍ପୀମାନଙ୍କୁ ସମ୍ମାନିତ କରାଯାଇଥିଲା।

### ଜମି ଦେବାକୁ କହି ୩୫ ଲକ୍ଷ ଟଙ୍କା ଠକେଇ

# ଶିକ୍ଷକଙ୍କ ଟଙ୍କାକୁ ଠକି ଅନ୍ୟ ଜଣେ ଶିକ୍ଷକ ଗିରଫ

**ବେଲବାହାଲି,୭।୧୧(ସମିସ):** କେନ୍ଦୁଝର ଜିଲ୍ଲା ଘସିପୁରା ଥାନା ଅନ୍ତର୍ଗତ ବେଲବାହାଲି ଗ୍ରାମର ସରକାରୀ ଶିକ୍ଷକ କହ୍ନେଇ ଚରଣ ସାହୁ (୫୦)ଙ୍କ ପାଖରୁ ଅନ୍ୟ ଜଣେ ଶିକ୍ଷକ ଜମି ଦେବାକୁ କହି ୩୫ ଲକ୍ଷ ଟଙ୍କା ଠକି ନେଇଥିବା ଅଭିଯୋଗ ହୋଇଛି। ଏନେଇ ଘସିପୁରା ଥାନାରେ ଲିଖିତ ଅଭିଯୋଗ ହୋଇଥିବା ଜଣାଯାଇଛି। ସୂଚନା ଅନୁଯାୟୀ ହାଟଡିହି ବ୍ଲକ ନନ୍ଦିପଦା ଥାନା ଅଧୀନସ୍ଥ ଅଢ଼େଇଦ୍ୱାର ଗ୍ରାମର ମଣ୍ଡଳ କୁମାର ପଣ୍ଡା (୪୫)ଙ୍କ ପତ୍ନୀ ସୁପ୍ରଭା ବରାଳ କିଛି ବର୍ଷ ହେବ ଘସିପୁରା ବ୍ଲକ ଦେଓଗାଁ ଅଞ୍ଚଳରେ ରହିଆସୁଛନ୍ତି। ମଣ୍ଡଳ କୁମାର ପଣ୍ଡା ଖାଳିଆମେଣ୍ଢା ପଞ୍ଚାୟତ ସ୍ଥିତ ଗୋପୀନାଥପୁର ସରକାରୀ ଆଶ୍ରମ ବିଦ୍ୟାଳୟରେ ଜଣେ ଶିକ୍ଷକ ଭାବେ କାର୍ଯ୍ୟ କରୁଛନ୍ତି। ଘସିପୁରା ତହସିଲ ଅଧୀନସ୍ଥ ଖଲଣା ମୌଜାରେ ୩୦ ଡେସିମିଲି ଜମି ଦେବାକୁ କହି ମଣ୍ଡଳ କୁମାର ପଣ୍ଡା ବେଲବାହାଲି ଗ୍ରାମର କହ୍ନେଇ ଚରଣ ସାହୁଙ୍କ ଠାରୁ ୩ଟି କିସ୍ତିରେ ଅନ୍‌ଲାଇନ ମାଧ୍ୟମରେ ୩୫ ଲକ୍ଷ ଟଙ୍କା ଠକି ନେଇଥିବା ଗତ ଅକ୍ଟୋବର ୨୭ ତାରିଖରେ ଥାନାରେ ଲିଖିତ ଅଭିଯୋଗ ହୋଇଥିଲା। ଭିଯୋଗକାରୀଙ୍କ ସୂଚନା ମୁତାବକ



ମଣ୍ଡଳ ବିକ୍ରି କରିବାକୁ କହିଥିବା ଜମିଟିର ଟଙ୍କା ନେଇସାରିଥିଲେ ମଧ ଜମିଟିକୁ କହ୍ନେଇଙ୍କ ନାମରେ କବଲା କରିନଥିଲେ। ଯାହାଫଳରେ କହ୍ନେଇ ପ୍ରଥମେ ଘସିପୁରା ଥାନାରେ ଗତ ଅପ୍ରିଲ ୧୫ ତାରିଖରେ ଏକ ଅଭିଯୋଗ କରିଥିଲେ। ଅଭିଯୋଗ ଅନୁଯାୟୀ ଉକ୍ତ ମାମଲାରେ ହୋଇଥିବା ଉଭୟ ପଟର ବ୍ୟକ୍ତି ଦ୍ୱୟ ହାଜର ହୋଇ ଆନନ୍ଦପୁର ନୋଟାରୀ ପବ୍ଲିକଙ୍କ ପାଖରେ ଏକ ଏଗ୍ରିମେଣ୍ଟ କରିଥିଲେ। ମଣ୍ଡଳ ୬ ମାସ ଭିତରେ ଅର୍ଥାତ ଅକ୍ଟୋବର ୧୫ ତାରିଖରେ ଜମି ଚିହ୍ନଟ କରି ହସ୍ତାନ୍ତରର କରିବେ, ନଚେତେ ଅଗ୍ରୀମ ନେଇଥିବା ୩୫ ଲକ୍ଷ ଟଙ୍କା ଫେରାଇବେ। ଅଙ୍ଗିକାର ବଦ୍ଧ ହୋଇ ଦୁଇଟି ଷ୍ଟେଟ ବ୍ୟାଙ୍କର ଚେକ୍ ପ୍ରଦାନ କରିଥିଲେ। କିନ୍ତୁ ପରବର୍ତ୍ତୀ ସମୟରେ ଉକ୍ତ ଚେକ୍ ଦୁଇଟିକୁ ମଣ୍ଡଳ ପେମେଣ୍ଟ ବନ୍ଦ କରାଇଦେଇଥିଲେ। ଯାହାଫଳରେ ପୁନର୍ବାର କହ୍ନେଇ ଘସିପୁରା ଥାନାର ଦ୍ୱାରସ୍ଥ ହୋଇ ଲିଖିତ ଅଭିଯୋଗ କରିଥିଲେ। ପୁଲିସ କେସ୍ ନଂ. ୩୭୦/୨୦୨୪ରେ ଏକ ମାମଲା ରୁଜୁ କରି ଶିକ୍ଷକ ମଣ୍ଡଳ କୁମାର ପଣ୍ଡାଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିବା ବେଳେ ଆନନ୍ଦପୁର ଏସ୍‌ଡିଜେମ୍ କୋର୍ଟରେ ତାଙ୍କୁ ଜାମିନ ମିଳିଥିବା ସୂଚନା ମିଳିଛି। ଅନ୍ୟପଟେ କହ୍ନେଇ କିପରି ତାଙ୍କର ଦେଇଥିବା ଟଙ୍କା ଫେରିପାଇବେ ସେଥିପାଇଁ ପ୍ରଶାସନକୁ ଆକୁଳ ନିବେଦନ କରିଛନ୍ତି।

## ବେଲବାହାଲିରେ ଆମ ପୁଲିସ ସମିତି ବୈଠକ




**ବେଲବାହାଲି,୭।୧୧(ସମିସ):** ଆନନ୍ଦପୁର ବ୍ଲକ ଅନ୍ତର୍ଗତ ବେଲବାହାଲି ପଞ୍ଚାୟତ କାର୍ଯ୍ୟାଳୟରେ ଗୁରୁବାର ଘସିପୁରା ପୁଲିସ ପକ୍ଷରୁ ଆମ ପୁଲିସ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଥାନା ଅଧିକାରୀ ରମାକାନ୍ତ ସାଇଙ୍କ ତତ୍ତ୍ୱାବଧାନରେ ଆୟୋଜିତ ବୈଠକରେ ଅତିଥି ଭାବେ ସରପଞ୍ଚ ଦୀପ୍ତି ସାହୁ, ବେଲବାହାଲି ବିଜେପି ମଣ୍ଡଳ ସଭାପତି ଅନାଦି ଚରଣ ସାହୁ, ପୂର୍ବତନ ଜିଲ୍ଲା ପରିଷଦ ସଦସ୍ୟ ପ୍ରଭାକର ସାହୁ ଯୋଗ ଦେଇଥିଲେ। ସାମ୍ପ୍ରତିକ ପରିସ୍ଥିତିରେ ବିଭିନ୍ନ ସମୟରେ ଶିକ୍ଷିତ ଓ ଅଶିକ୍ଷିତ ଜନସାଧାରଣ ମାନେ ସାଇବର ଠକେଇ, ଗୁଣିଗାରେଡି, ବାଲ୍ୟବିବାହ ଆଦି କୁସଂସ୍କାରର ସମ୍ମୁଖିନ ହେଉଛନ୍ତି। ଫଳରେ ଭାଇଚାରା, ସାମାଜିକ ଚଳଣି, ଆର୍ଥିକ ସମସ୍ୟା ଓ ଧନଜୀବନ ପ୍ରଭାବିତ ହେବା ନିତିଦିନିଆ ଘଟଣା ପାଲଟିଛି। ଏହି କୁସଂସ୍କାର, ଅନ୍ଧବିଶ୍ୱାସକୁ ପ୍ରତିହତ କରି ସମାଜରେ ଏକ ସୁସ୍ଥ ବାତାବରଣ ବଜାୟ ରଖିବା ସକାଶେ ପୁଲିସ ପ୍ରଶାସନ ପକ୍ଷରୁ ପଦକ୍ଷେପ ଆରମ୍ଭ କରାଯାଇଛି। ଗଣମାଧ୍ୟମରେ ଲୋକଙ୍କ ନିକଟତର ହୋଇ ପୁଲିସ ଲୋକଙ୍କୁ ସୁରକ୍ଷା ଦେବା ସହ ପୁଲିସ ପବ୍ଲିକ୍‌ର ସେତୁ ରୂପେ କାର୍ଯ୍ୟ ପାଇଁ ଅଣ୍ଟା ଭିଡିଛି। ବିଭିନ୍ନ ସମୟରେ ପିଏମ କିସାନ ଯୋଜନା, ଶ୍ରମିକ କାର୍ଡ କିମ୍ବା ବ୍ୟାଙ୍କ୍, ବିଦ୍ୟୁତ୍ କର୍ମଚାରୀ ପରିଚୟ ଦେଇ ଟଙ୍କା ଠକେଇ କରିବା ପାଇଁ ବହୁ ଦଲାଲ୍ ଘୁରି ବୁଲୁଛନ୍ତି। ଏଥିପ୍ରତି ଦୃଷ୍ଟି ଦେବା ସହ ଶୀଘ୍ର ପୁଲିସକୁ ଜଣାଇବା ପାଇଁ ଥାନା ଅଧିକାରୀ ନିବେଦନ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଘସିପୁରା ଥାନା ଏଏସଆଇ ତାପସ କୁମାର ହାସଦା, ଗୋପାଳ ଚନ୍ଦ୍ର ନାୟକ, କୃଷ୍ଣପ୍ରିୟା ସାହୁ ଏବଂ ପଞ୍ଚାୟତ ପକ୍ଷରୁ ପିଇଓ ସୁନନ୍ଦା ରାଉଳ, ଏଡିଓ ପଙ୍କଜ ତ୍ରିପାଠୀ, ବୀରବର ସାହୁ, କାର୍ତ୍ତିକେଶ୍ୱର ସାହୁ, ଦଶରଥ ସାହୁ, କୁଳମଣି ଦାସ, ମୁରଲୀ ସାହୁ, ଅପର୍ତ୍ତି ସାହୁ, ରଥିଆ ସାହୁ, ବିଚିତ୍ର ସାହୁ ପ୍ରମୁଖ ଯୋଗଦେଇଥିଲେ।

## ସିଟି, ବିଇଡି ଛାତ୍ରଛାତ୍ରୀଙ୍କ ନିଯୁକ୍ତି ପ୍ରକ୍ରିୟାରେ ତଞ୍ଚକତା ଅଭିଯୋଗ

**ଆନନ୍ଦପୁର,୭।୧୧(ସମିସ):** କେନ୍ଦୁଝର ଜିଲ୍ଲାର ସିଟି, ବିଇଡି ଛାତ୍ରଛାତ୍ରୀ ନିଯୁକ୍ତି ପାଇଁ ଦୀର୍ଘ ଦିନ ଧରି ଅପେକ୍ଷା କରିଥିବା ବେଳେ ପ୍ରାଥମିକ ଶିକ୍ଷକ ନିଯୁକ୍ତି କ୍ଷେତ୍ରରେ ସରକାରୀ ପ୍ରକ୍ରିୟା ସେମାନଙ୍କ ପାଇଁ କାଳ ହୋଇଛି। ସରକାରଙ୍କ ଅଜବ ନିଯୁକ୍ତି ପ୍ରକ୍ରିୟା ଯୋଗୁଁ ଶିକ୍ଷିତ ଯୁବକମାନେ ହତାଶ ହୋଇପଡିଥିବା ଜଣାଯାଇଛି। ସରକାର ନିଜ ଜିଲ୍ଲାର ଛାତ୍ରଛାତ୍ରୀ ନିଜ ଜିଲ୍ଲାରେ ନିଯୁକ୍ତି ପାଇଁ ବ୍ୟବସ୍ଥା କରିନଥିବାରୁ କେନ୍ଦୁଝର ଜିଲ୍ଲା ପାଇଁ ଉଦ୍ଦିଷ୍ଟ ୧୫୦୫ କନିଷ୍ଠ ଶିକ୍ଷକ ପଦବୀରେ ବାହାର ଜିଲ୍ଲା ପ୍ରାର୍ଥୀଙ୍କୁ ସୁଯୋଗ ଦେବାରୁ କେନ୍ଦୁଝର ଜିଲ୍ଲାର ଶିକ୍ଷିତ ବେକାର ଛାତ୍ରଛାତ୍ରୀ ଉପେକ୍ଷିତ ହୋଇପଡିଥିବା ଜଣାଯାଇଛି। ଫଳରେ ସବୁ ବାହାର ଜିଲ୍ଲାର ପ୍ରାର୍ଥୀମାନେ କେନ୍ଦୁଝର କନିଷ୍ଠ ଶିକ୍ଷକ ପଦବୀକୁ ହାତେଇବାରେ ସଫଳ ହୋଇଛନ୍ତି। ସରକାର ଜାଣି ଶୁଣି ଗୋଟିଏ ଘରୋଇ ସଂସ୍ଥା ହାତରେ କମ୍ପ୍ୟୁଟର ବେସ୍ ଟେଷ୍ଟ (ସିବିଟି) ମାଧ୍ୟମରେ ପରୀକ୍ଷା କରାଇ ଗୋଟିଏ କେନ୍ଦ୍ରରେ ସହଜ ପ୍ରଶ୍ନ ଓ ଅନ୍ୟ କେନ୍ଦ୍ରରେ କଠିନ ପ୍ରଶ୍ନ ଦେବାରୁ ପ୍ରାର୍ଥୀମାନେ ଅସନ୍ତୋଷ ପ୍ରକାଶ କରିବା ସହିତ ତଞ୍ଚକତା ହୋଇଥିବାର ପ୍ରାର୍ଥୀମାନେ ନ୍ୟାୟାଳୟ ଦ୍ୱାରସ୍ଥ ହୋଇଥିଲେ। ସିବିଟି ପରୀକ୍ଷା ଦେଇଥିବା ଛାତ୍ରଛାତ୍ରୀ ଶେଷ ସିଲେକସନ୍ ସଂପର୍କରେ ଜାଣି ନପାରି କେତେ ମାର୍କ ନିଆଗଲା, ତାହା ଜାଣି ପାରିନଥିଲେ। ୧୪୦ ମାର୍କ ରଖୁଥିବା ପ୍ରାର୍ଥୀ ନିଯୁକ୍ତି ତାଲିକାରେ ନାମ ଥିବା ବେଳେ ୧୪୫ ନମ୍ବର ରଖିଥିବା ପ୍ରାର୍ଥୀଙ୍କର ନିଯୁକ୍ତି ତାଲିକାରେ ନାମ ନାହିଁ। ବର୍ତ୍ତମାନ ସରକାର ଜିଲ୍ଲାପାଳଙ୍କ ନିଯୁକ୍ତି କ୍ଷମତା ଉଠାଇ ଦେଇ ଜଣେ ଓଏଏସ୍ ଅଫିସରଙ୍କ ହାତରେ ରାଜ୍ୟ ଓସେପାଙ୍କ ଠାରେ ହେରଫେର କରିବା ପାଇଁ ନିଯୁକ୍ତି କ୍ଷମତା ଦେଇଛନ୍ତି। ଫଳରେ ସିଟି, ବିଇଡି ପିଲାମାନେ ନିଯୁକ୍ତିକୁ ବିରୋଧ ଧର୍ମଘଟ କରିବାକୁ ସଜବାଜ ହେଉଥିବା ଜଣାଯାଇଛି।

## ଅଙ୍ଗନବାଡ଼ି କର୍ମୀଙ୍କ ତାଲିମ କାର୍ଯ୍ୟକ୍ରମ



**ତେଲକୋଇ,୭।୧୧(ସମିସ):** ଜାତୀୟ ଶିକ୍ଷାନୀତି ଆଧାରରେ ଅଙ୍ଗନବାଡ଼ି କେନ୍ଦ୍ରରେ ପ୍ରାକ୍ ବିଦ୍ୟାଳୟ ଶିକ୍ଷାକୁ ତ୍ୱରାନିତ କରିବାର ଅଭିପ୍ରାୟ ନେଇ ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ୟୁନିଫାଏଡ ଆକ୍ସନ କାଉନସିଲ (ୟୁଏସି) ଏବଂ ରାଷ୍ଟ୍ରୀୟ ଅନୁଷ୍ଠାନ ଆଇଏଲପିର ମିଳିତ ଉଦ୍ୟମରେ ଏକ ତିନିଦିନିଆ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠାନର କ୍ଷେତ୍ରୀୟ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ତେଲକୋଇ ବ୍ଲକ ଅନ୍ତର୍ଗତ ଜଗମୋହନପୁର, ଛାମୁଣ୍ଡା, ଦୋବଲା ପାଳ ଶିବନାରାୟଣପୁର ଗୋଡା ଓ ତେଲକୋଇ ଗ୍ରାମ ପଞ୍ଚାୟତର ୩୪ ଜଣ ଅଙ୍ଗନୱାଡ଼ି କର୍ମୀ ଏବଂ ୟୁଏସିର ୧୪ ଜଣ ଫେସିଲିଟେଟର ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରି ବ୍ଲକ୍ ଶିଶୁ ବିକାଶ ପ୍ରକଳ୍ପ ଅଧିକାରିଣୀ ଅମିତା ପଣ୍ଡା ଦର୍ଶାଇଥିଲେ ଯେ ତାଲିମ ହିଁ କାର୍ଯ୍ୟ କୁଶଳତାର ଅସଲ ଭିତ୍ତି। ଅଙ୍ଗନବାଡ଼ି କର୍ମୀଙ୍କ ଦକ୍ଷତା ବିକାଶ ମାଧ୍ୟମରେ ସମନ୍ୱିତ ଶିଶୁ ବିକାଶ ଯୋଜନାର ୬ଟି ସେବାକୁ କାର୍ଯ୍ୟକାରୀ କରିବାରେ ବିଶେଷ ସହାୟକ ହୋଇପାରିବ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ୟୁଏସି ସଙ୍ଗଠନର ସଂପାଦକ ନିମାଇଁ ନାରାୟଣ ଶତପଥୀ ନୂତନ ଶିକ୍ଷା ନୀତି ଆଧାରରେ ଅଙ୍ଗନବାଡ଼ିର ଗୁରୁତ୍ୱପୂର୍ଣ୍ଣ ଭୂମିକାର ଅବତାରଣା କରି ଶିଶୁର ଶାରୀରିକ, ମାନସିକ ଓ ବୌଦ୍ଧିକ ବିକାଶ ପ୍ରତି ବିଶେଷ ଧ୍ୟାନ ଦେବାର ଆବଶ୍ୟକତା ଅଛି ବୋଲି ଗୁରୁତ୍ୱାରୋପ କରିଥିଲେ। କୁନି କୁନି ପିଲାଙ୍କ ବିକାଶ ହେଲେ ବିଦ୍ୟାଳୟ ସ୍ତରୀୟ ଗୁଣାତ୍ମକ ଶିକ୍ଷା ସମ୍ଭବ ହୋଇପାରିବ ବୋଲି ଦର୍ଶାଇଥିଲେ। ତାଲିମଦାତ୍ରୀ ବାସନ୍ତୀ ନାୟକ, ଧନେଶ୍ୱରୀ ସାହୁ, ଭୋଲେଶ୍ୱରୀ ସାହୁ, ସଂଯୁଲତା ସାହୁ, ସଙ୍ଗୀତା ନାୟକ ପ୍ରମୁଖ ବିଭିନ୍ନ ଅଧିବେଶନରେ ପ୍ରଶିକ୍ଷଣ ପ୍ରଦାନ କରିଥିବା ବେଳେ ୟୁଏସିର ସଂଯୋଜକ ଅଶୋକ କୁମାର ମହାନ୍ତ, ଶିବବ୍ରତ ଦାସ, ମନୋଜ କୁମାର ପ୍ରଧାନ, ଧିରେନ କୁମାର ମହାନ୍ତ ଓ ଦେବସ୍ମିତା ବେହେରା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

### ମା' ନାଗପାଟ କପ୍ ଫୁଟବଲ ଟୁର୍ଣ୍ଣାମେଣ୍ଟ

## କତରାପାଲିକୁ ହରାଇ ଗୋଳାବନ୍ଧ ବିଜୟୀ



**ତେଲକୋଇ,୭।୧୧(ସମିସ):** କେନ୍ଦୁଝର ଜିଲ୍ଲା ତେଲକୋଇ ବ୍ଲକ ମୁଖ୍ୟାଳୟ ହାଲପୋଡ଼ି ଗ୍ରାମ ଖେଳପଡିଆ ଠାରେ ମା' ନାଗପାଟ ସ୍ପୋର୍ଟସ କ୍ଲବ ଆନୁକୂଲ୍ୟରେ ତିନ ଦିନ ଧରି ଚାଲିଥିବା ଅଷ୍ଟମ ବାର୍ଷିକ ମା' ନାଗପାଟ ଫୁଟବଲ ଟୁର୍ଣ୍ଣାମେଣ୍ଟ ଗୁରୁବାର ଉଦଯାପିତ ହୋଇଯାଇଛି। ଏଥିରେ ସମୁଦାୟ ୧୬ଟି ଦଳ ଅଂଶଗ୍ରହଣ କରିଥିଲେ। ଆଜି ଫାଇନାଲ ମ୍ୟାଚରେ ଗୋଳାବନ୍ଧ ଏକାଦଶ ଓ ୧୧ଡ୍ରାଗନ୍ କତରାପାଲି ଏକାଦଶ ଟିମ ମଧ୍ୟରେ ଅନୁଷ୍ଠିତ ହୋଇଥଲା। ଏହି ଫାଇନାଲ ମ୍ୟାଚର ନିର୍ଦ୍ଧାରିତ ସମୟ ମଧ୍ୟରେ ସମାନସ୍ତର ରହିବା ଫଳରେ ପେନାଲ କିକ ମାଧ୍ୟମରେ ୧୧ଡ୍ରାଗନ୍ କତରାପାଲି ଏକାଦଶକୁ ହରାଇ ଗୋଳାବନ୍ଧ ଏକାଦଶ ବିଜୟୀ ହୋଇ ଚାମ୍ପିଅନ ହୋଇଥଲା। ଉକ୍ତ ଉଦ୍‌ଯାପିତ ଉତ୍ସବରେ ମୁଖ୍ୟଅତିଥି ଭାବେ ତେଲକୋଇ ଗ୍ରାମପଞ୍ଚାୟତ ସରପଞ୍ଚ ରଶ୍ମିତା ନାୟକ ଯୋଗ ଦେଇଥିବା ବେଳେ ଅନ୍ୟ ଅତିଥିମାନଙ୍କ ମଧ୍ୟରେ ତେଲକୋଇ ଚାରିଗଡ଼ ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟକ୍ଷ ମାନଗୋବିନ୍ଦ ସାହୁ, ତେଲକୋଇ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶଙ୍କର୍ଷଣ ନାୟକ, ଗ୍ରାମର ବରିଷ୍ଠ ବ୍ୟକ୍ତି ବିଜୟ କୁମାର ପ୍ରଧାନ, ଅରକ୍ଷିତ ପ୍ରଧାନ, ପ୍ରମୋଦ କୁମାର ସାହୁ ଯୋଗ ଦେଇ ବିଜୟୀ ଦଳକୁ ଟ୍ରଫି ସହ ୧୨ହଜାର ଟଙ୍କା ଅର୍ଥ ରାଶି ଓ ଉପବିଜେତା ଦଳକୁ ଟ୍ରଫି ସହ ୧୦ହଜାର ଟଙ୍କା ଅର୍ଥ ରାଶି ପ୍ରଦାନ କରିଥିଲେ। ଉକ୍ତ ଖେଳକୁ ରେଫରୀ ଭାବେ ସନାତନ ବେହେରା, ମାନସ ସାମଲ ଓ ଯଯାତି ସାହୁ ପରିଚାଳନା କରିଥିଲେ। ଖେଳରେ ସଞ୍ଜୀବ ସାହୁ ଓ ନାରଣ ସାହୁ ଧାରା ବିବରଣୀ ପ୍ରଦାନ କରିଥିଲେ। କ୍ଲବର ସମସ୍ତ ସଦସ୍ୟ ମାନେ ସହଯୋଗ କରିଥିଲେ।

# ଛପର କୁଡ଼ିଆରେ ୩୦ ପରିବାର



**ହାଟଡିହୀ,୭।୧୧(ସମିସ):** କେନ୍ଦୁଝର ଜିଲ୍ଲା ହାଟଡିହୀ ବ୍ଲକ୍ ସମଣା ପଞ୍ଚାୟତରେ ଆବାସ ଯୋଜନା ଦିଗହରା ହୋଇଛି। ବୈତରଣୀ ନଦୀ କୂଳରେ ଥିବା ଗୋବିନ୍ଦପୁର ଗାଁର ଖଣ୍ଡୁଆଳ ସାହିରେ ୩୫ଟି ପରିବାର ବାସ କରୁଛନ୍ତି। ହାତଗଣତି ୩/୪ଟି ପରିବାରକୁ ସରକାରୀ ଆବାସ ମିଳିଥିବା ବେଳେ ଅନ୍ୟମାନେ ଭଙ୍ଗା ଚାଳଛପର ଘରେ ଅତି ଦୟନୀୟ ଅବସ୍ଥାରେ ରହୁଥିବା ଦେଖିବାକୁ ମିଳିଛି। ପ୍ରତିବର୍ଷ ବନ୍ୟା-ବାତ୍ୟା ଆସିଲେ ପ୍ରଶାସନ ପକ୍ଷରୁ ଗ୍ରାମବାସୀଙ୍କୁ ବାତ୍ୟା ଆଶ୍ରୟସ୍ଥଳକୁ ସ୍ଥାନାନ୍ତର କରାଯାଉଛି। ପରବର୍ତ୍ତୀ ସମୟରେ ଗ୍ରାମର ଗରିବ ଲୋକମାନେ କିପରି ସରକାରୀ ଆବାସ ଖଣ୍ଡିଏ ପାଇବେ ସେ କଥା କେହି ବୁଝୁ ନଥିବା ଅତ୍ୟନ୍ତ ପରିତାପର ବିଷୟ



ସାଜିଛି। ବାତ୍ୟା "ଦାନା' ସମୟରେ ଭଙ୍ଗାଘରେ ରହୁଥିବା ଏହି ସାହିର ଲୋକମାନଙ୍କୁ ନିକଟସ୍ଥ ସ୍କୁଲରେ ଥଇଥାନ କରାଯାଇଥିଲା। ବାତ୍ୟା ପରେ ସେମାନେ ଘରକୁ ଫେରିଥିଲେ। କାହା ଘରର କାନ୍ଥ ଭାଙ୍ଗିଯାଇଛି ତ ଆଉ କାହାର ଛପର ଉଡ଼ିଯାଇଛି। ଏ ସମ୍ପର୍କରେ ଗ୍ରାମବାସୀ ପ୍ରଶାସନକୁ ଜଣାଇଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ କୌଣସି ସରକାରୀ ଅଧିକାରୀ କ୍ଷୟକ୍ଷତି ଆକଳନ କରିବାକୁ ଗାଁକୁ ଆସିନଥିବା ଗ୍ରାମର ମଞ୍ଜୁଲତା ନାଏକ, ସରୋଜିନୀ ନାଏକ, ଗୁଲୁ ନାଏକ, ପୂର୍ଣ୍ଣ ନାଏକ, ଶାରୀଲତା ନାଏକ, ଗୁରୁବାରୀ ନାଏକ, ସଞ୍ଜୟ ନାଏକ, ଅଶୋକ ନାଏକ, ଅଲେଖ ନାଏକ, ବାବାଜି ନାଏକ, ସୁରେଶ ନାଏକ, ମାନସ ନାଏକ, ସନ୍ତୋଷ ନାଏକ, ଦୁର୍ଯ୍ୟୋଧନ ନାଏକ, ପୁରୁଷୋତ୍ତମ ନାଏକ, କାଳନ୍ଦୀ ନାଏକ, ଗୋଲଖ ନାଏକ ପ୍ରମୁଖ ଅଭିଯୋଗ କରିଛନ୍ତି। ଘର ଭାଙ୍ଗି ଯାଇଥିବାରୁ ଲୋକେ ବହୁ ଅତି ଦୟନୀୟ ଅବସ୍ଥାରେ ରହୁଛନ୍ତି। ଅଧିକାଂଶ ଘରର ଚାଳ ଉପରେ ପଲିଥିନ୍ ଟଣାଯାଇଛି। ଅନେକ ଥିଲା ଓ ପ୍ରଭାବଶାଳୀ ଲୋକେ ଆବାସ ଯୋଜନାରେ ଏକାଧିକ ଘର ହାତେଇଥିବା ବେଳେ ଆମ ଭଳି ଗରିବଙ୍କ କଥା ମରକାର ଭୁଲି ଯାଇଛନ୍ତି ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ସମଣା ପଞ୍ଚାୟତର ସରପଞ୍ଚ ଜଗବନ୍ଧୁ କାଣ୍ଡିଙ୍କୁ ପଚାରିବାରୁ, ଏହି ଗାଁରେ ପୂର୍ବରୁ ୨୦୨୧-୨୨ରେ ୧୭ଜଣଙ୍କୁ ଆବାସ ଯୋଜନାରେ ଘର ଦିଆଯାଇଥିବା ବେଳେ ମାତ୍ର ୨/୩ଜଣ ଘର ନିର୍ମାଣ କରିଛନ୍ତି। ଆଉ ୨୫ଜଣ ହିତାଧିକାରୀଙ୍କୁ ଆବାସ ଯୋଗାଇ ଦିଆଯିବାର ବ୍ୟବସ୍ଥା ହୋଇଛି ବୋଲି ସେ କହିଛନ୍ତି।

## ଯୁଡ଼ିଆ ଘାଟିରେ ଓଲଟିଲା ଟ୍ରକ୍

**କେନ୍ଦୁଝର,୭।୧୧(ସମିସ):** କେନ୍ଦୁଝର ଦେଇ ଯାଇଥିବା ଜାତୀୟ ରାଜପଥ ୪୯ର ଯୁଡ଼ିଆ ଘାଟିରେ ଏକ ମାଲ ବୋଝେଇ ଟ୍ରକ୍ ରାସ୍ତା ଉପରେ ଓଲଟି ପଡିଛି। ଫଳରେ ରାସ୍ତାର ଗୋଟିଏ ପାଖରେ ଗାଡି ମୋଟର ଚଳାଚଳ ପ୍ରଭାବିତ ହୋଇଛି। ସମ୍ବଲପୁର ଆଡୁ ଆସୁଥିବା



ଏମ୍‌ଏଚ୍-୪୦-ଏକେ -୬୮୮୬ ନମ୍ବର ବିଶିଷ୍ଟ ଏକ ୧୪ ଚକିଆ ଟ୍ରକ୍ କୁକୁଡ଼ା ଦାନା ନେଇ ସମ୍ବଲପୁର ଆଡୁ କୋଲକତା ଆଡ଼କୁ ଯାଉଥିଲା। ଜୁଡ଼ିଆ ଘାଟି ଓହ୍ଲାଇବା ବେଳେ ଟ୍ରକ୍‌ଟି ଭାରିସାମ୍ୟ ହରାଇ ରାସ୍ତାରେ ଓଲଟି ପଡ଼ିଥିଲା। ଫଳରେ ଟ୍ରକ୍‌ରେ ଥିବା ଡ୍ରାଇଭର ଓ ସହାୟକ ଆହତ ହୋଇଛନ୍ତି।

## ସାମ୍ବାଦିକ ଶିବଚରଣ ସେଠୀ ସ୍ମୃତି କମିଟିର ବୈଠକ

**ଆନନ୍ଦପୁର,୭।୧୧(ସମିସ):** ଆନନ୍ଦପୁର ପୌରପରିଷଦ ଅନ୍ତର୍ଗତ ଫକୀରପୁର ଗ୍ରାମର ସାମ୍ବାଦିକ ଶିବଚରଣ ସେଠୀ ସ୍ମୃତି କମିଟି ପକ୍ଷରୁ ଫକୀରପୁରଠାରେ ବାର୍ଷିକ ଉତ୍ସବକୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। କମିଟିର ସଭାପତି ଇଂ. ଅରୁଣ କୁମାର ସେଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ସଂପାଦକ ଅନିଲ କୁମାର ସାହୁ ଯୋଗ ଦେଇ ସଂପାଦକୀୟ ବିବରଣୀ ପାଠ କରିଥିଲେ। ଆସନ୍ତା ଡିସେମ୍ବର ମାସରେ ବାର୍ଷିକୋତ୍ସବ ପାଳନ କରିବା ପାଇଁ ସ୍ଥିର କରାଯାଇଥିଲା। ବୈଠକରେ ସଞ୍ଜୟ କୁମାର ଓଝା, ରମାକାନ୍ତ ଓଝା, ବସନ୍ତ କୁମାର ସାହୁ, ନବ କିଶୋର ସେଠୀଙ୍କ ସହ ବହୁ ସଦସ୍ୟ ଉପସ୍ଥିତ ରହି ଆଲୋଚନାରେ ଭାଗ ନେଇଥିଲେ।

